# ଉନ୍ନୟନ କାମ ଯୋଗୁ ପ୍ରଦୂଷଣ ଉତ୍କଟ

**ଯାଜପୁର ଅଫିସ,୯ା୩ :**

- ଏକାଧିକ ପ୍ରକଳ୍ପ ସଂକ୍ରାନ୍ତରେ ତଥ୍ୟ ମିଳୁନି
- ଅନ୍ଧାରରେ ରଖି ଦୁର୍ନୀତିକୁ ପ୍ରଶ୍ରୟ
- ଲଘୁ ଖଣିଜ ଦ୍ରବ୍ୟ ହରିଲୁଟ

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପୂର୍ବ ପାର୍ଶ୍ୱରେ ଏକାଧିକ ନୂତନ ବୃହତ୍ ପ୍ରକଳ୍ପ ଚାଲିଛି। ଏଥିରେ ବିଶାଳ ସୌଧ, ସେତୁ, ବଡ଼ ନାଳ, ବ୍ୟାରେଜ, ଖାଲୁଆ ଅଞ୍ଚଳକୁ ପୋତା କାର୍ଯ୍ୟ, ରାସ୍ତା ଆଦି ରହିଛି। ତେବେ ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ କେଉଁ ବିଭାଗର କିଏ କରୁଛି ତାହା ଜଣାପଡୁନାହିଁ। ଅନ୍ୟପକ୍ଷେ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବାଲି, ମାଟି, ମୋରମ, ଗେଟି, ପଥର ଆଦି ବେଆଇନ ପରିବହନ କାରଣରୁ ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଏହି ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଛି ଯେ, ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଚିତ୍ର ଦେଖିବା ସମ୍ଭବପର ହେଉନାହିଁ। ଏଭଳିସ୍ଥିତିରେ ଆଖପାଖ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ତେବେ ବିକାଶ କାର୍ଯ୍ୟ ଚାଲିଥିବାରୁ ସମସ୍ତ କାମକୁ ମାଫ୍ କରାଯାଉଛି ବୋଲି ମତପ୍ରକାଶ ପାଇଛି।

୪୬ଟି ରାଜସ୍ୱ ମୌଜାର ୨୯.୮୪ ବର୍ଗ କି.ମି. ପରିମିତ ଅଞ୍ଚଳକୁ ନେଇ ଯାଜପୁର ସହରର ମାଷ୍ଟର ପ୍ଲାନ୍ ପ୍ରସ୍ତାବ ରହିଛି। ହରିୟାଣା ଗୁରୁଗାଁଓର ଭୟେଣ୍ଟସ୍ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି। ଆଗାମୀ ୨୦୪୦ ପର୍ଯ୍ୟନ୍ତ ଯାଜପୁର ସହରର ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାସ୍ତା ପ୍ରଶସ୍ତିକରଣ, ନାଳ ନର୍ଦ୍ଦମା ଜଳର ନିଷ୍କାସନ, ଜନ ସାଧାରଣଙ୍କ ଚିତ୍ତବିନୋଦନ ନିମନ୍ତେ ପ୍ରମୋଦ ଉଦ୍ୟାନ, ନୂତନ ବଜାର ନିର୍ମାଣ ଓ ସମ୍ପ୍ରସାରଣ, ଶିକ୍ଷାନୁଷ୍ଠାନ, ହାଟବଜାର, କଳକାରଖାନା ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ନିମନ୍ତେ ପ୍ରାଧାନ୍ୟ ଦିଆଯାଉଛି। ଏହିକ୍ରମରେ ଆଡ୍‌ମିନିଷ୍ଟ୍ରେଟିଭ୍ ଏନ୍‌କ୍ଲାଭ୍ ବା ମିନି ସଚିବାଳୟ କାମ ଚାଲିଛି। ଏହି ମିନି ସଚିବାଳୟ ନିର୍ମାଣରେ ୧୨୨.୦୯ କୋଟି ଟଙ୍କା ଖର୍ଚ୍ଚ କରି ୩୮.୮୬୬ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ଗୃହ ନିର୍ମାଣ ପାଇଁ ସମୁଦାୟ ୧୯୩.୪୨ କୋଟି ଟଙ୍କା ଅଟକଳ ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜିଂ ମୋଡରେ ଯାଜପୁର ଜିଲାରେ ସରକାରୀ ମେଡ଼ିକାଲ କଲେଜ ଓ ଅଧ୍ୟାପନା ଡାକ୍ତରଖାନା ସ୍ଥାପନ ପାଇଁ ଗୃହ ନିର୍ମାଣ ଚାଲିଛି। ୧୦୦ ଶଯ୍ୟା ବିଶିଷ୍ଟ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପ୍ରଥମ ପର୍ଯ୍ୟାୟରେ ୪୨୬ କୋଟି ଟଙ୍କାର ବ୍ୟୟଅଟକଳ ପ୍ରସ୍ତୁତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଆଙ୍କୁଲା ଛକ ନିକଟରେ ନିର୍ଦ୍ଧାରିତ ୪୦ ଏକର ଜମି ଚିହ୍ନଟ କରାଯାଇ ଏଲ୍ ଆଣ୍ଡ ଟି ଦ୍ୱାରା କାମ ଆରମ୍ଭ ହୋଇ ସାରିଛି। ଉପରୋକ୍ତ ୨ଟି ବୃହତ୍ ପ୍ରକଳ୍ପ ବ୍ୟତୀତ କୁସୁମା ପୋଖରୀ ନିକଟରେ ଚାରିପଟେ ମିନି ଷ୍ଟାଡିୟମ ଭଳି ଗ୍ୟାଲେରୀ ନିର୍ମାଣ ଚାଲିଛି। ଏହାବାଦ୍ ବହୁତଳ ପ୍ରସାଦ କାମ ମଧ୍ୟ ଚାଲିଛି। ସେହିପରି ବାଲାଶ୍ରମ ପଡ଼ିଆକୁ ପୋତାଯାଇ ମୂଳ ବୈତରଣୀର ଦୁଇପାର୍ଶ୍ୱରେ କଂକ୍ରିଟ କାନ୍ଥ ନିର୍ମାଣ ହୋଇଛି। ବୈତରଣୀର କିଲାଘାଟରେ ଏକ ସେତୁ ଓ ସେଠାରୁ ବଳିଘାଇ ସେତୁ ଯାଏ ରାସ୍ତାକୁ ଚାରିଥାକିଆ କରାଯାଉଛି। ବଳିଘାଇରେ ବୈତରଣୀ ଉପରେ ସେତୁ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହାସହ ଯାଜପୁର-କୁଆଖିଆ ରାସ୍ତାର ସିମିଳିଆ ପଞ୍ଚାୟତ ପାଟପାରି ନିକଟରେ ଥିବା ଏକ ବଡ଼ନାଳ ମୁହଁକୁ ବାଲି ଓ ମାଟି ପକାଯାଇ ପ୍ରାୟ ୨୫ ଫୁଟ ବିରାଟ ଆୟତନ ଅଞ୍ଚଳକୁ ପୋତି ଦିଆଯାଉଛି। ୧୬ ନଂ. ଜାତୀୟ ରାଜପଥ ପାଣିକୋଇଲି ଷଠିପୁର ନିକଟ ସୁବିଧା କେନ୍ଦ୍ର ସମ୍ମୁଖରେ ଏକ ବିରାଟ ଅଞ୍ଚଳରେ ବୃହତ୍ କୋଠାଘର ନିର୍ମାଣ ହେଉଛି। ଏହି ରାସ୍ତାଦେଇ ପ୍ରତ୍ୟହ ଶତାଧିକ ଲୋକ ଯିବା ଆସିବା କରୁଛନ୍ତି। ଆବଶ୍ୟକ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ନ କରି ନିର୍ମାଣ ସାମଗ୍ରୀ ପରିବହନରେ ଏତେ ବାୟୁ ପ୍ରଦୂଷଣ ହେଉଛି ଯେ, ସାଧାରଣ ଲୋକଙ୍କ ପକ୍ଷେ ଯିବାଆସିବା କଷ୍ଟକର ହେଉଛି। ଏପରିକି ଧୂଳି ଯୋଗୁ ରାସ୍ତା ଦିଶୁନାହିଁ। ଫଳରେ ଦୁର୍ଘଟଣା ଘଟିବା ମଧ୍ୟ ସମ୍ଭବନା ରହିଛି ବୋଲି ମତପ୍ରକାଶ ପାଇଛି। ଏହାସହ ବୁଢ଼ା ନଦୀ ଆନିକଟ ନିକଟ ନଦୀପାର୍ଶ୍ୱର ଏକ ବିରାଟ ଅଞ୍ଚଳକୁ ପୋତାଯାଇ ବଡବଡ ଅଟ୍ଟାଳିକା ନିର୍ମାଣ ଚାଲିଛି। ଏଭଳି ଏକାଧିକ ପ୍ରକଳ୍ପ ରହିଛି ଯାହାର କୌଣସି ସୂଚନା ଫଳକ ନାହିଁ।

ବିପୁଳ ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଜିଲାବାସୀ ଅଜ୍ଞ ରହିଥିବାରୁ ସେଗୁଡ଼ିକରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ସନ୍ଦେହ କରିବା ସ୍ୱାଭାବିକ ବୋଲି ଚର୍ଚ୍ଚା ହେଉଛି। ତେବେ ଜିଲାରେ ନଦୀନାଳରୁ ଯେତେ ପରିମାଣର ବାଲି ଉତ୍ତୋଳନ ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଛି ତା'ର ହଜାର ଗୁଣ ଅଧିକ ବାଲି ଉପରୋକ୍ତ ପ୍ରକଳ୍ପଗୁଡ଼ିକରେ ବ୍ୟବହାର ହେଉଛି। ଏଥିରେ ସରକାର ବିପୁଳ ରାଜସ୍ୱ ହରାଉଥିବାବେଳେ ବାଲି ମାଫିଆ ଏବଂ କେତେଜଣ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଧନୀ ହେଉଛନ୍ତି। ସଂପୃକ୍ତ କର୍ମଚାରୀ ଓ ଅଧିକାରୀମାନଙ୍କ ଆୟବର୍ହିଭୂତ ସମ୍ପତ୍ତି ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବତା ଜଣାପଡିବ ବୋଲି ଦାବି ଉଠିଛି। ଅନ୍ୟପକ୍ଷେ କେଉଁ କାରଣରୁ ଲୋକଙ୍କୁ ଅନ୍ଧାରରେ ରଖାଯାଇଛି ତା'ର ମଧ୍ୟ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ପଚାରିବାରୁ ସେ କହିଛନ୍ତି, ଷଠିପୁର ନିକଟ ପ୍ରକଳ୍ପ ସମ୍ପର୍କରେ କାଗଜପତ୍ର ଦେଖିଲା ପରେ କହିହେବ। ଅନ୍ୟପ୍ରକଳ୍ପଗୁଡ଼ିକ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଜଣାଇବା ପରେ ମତ ଦିଆଯାଇ ପାରିବ।


ଷଠିପୁର ସୁବିଧା କେନ୍ଦ୍ର ନିକଟ ପ୍ରକଳ୍ପ କାର୍ଯ୍ୟ ଅଞ୍ଚଳରେ ବାୟୁ ପ୍ରଦୂଷଣ।

## ସଂକ୍ଷେପରେ

### ଆଜିଠାରୁ ଭିତରକନିକା ମହୋତ୍ସବ ୨୦୨୩

ରାଜନଗର, ୯ା୩ (ଡି.ଏନ.ଏ.): ଭିତରକନିକା ମହୋତ୍ସବ ୨୦୨୩ ଦ୍ୱିତୀୟ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବ। ରାଜନଗର ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ନଳିତାପାଟିଆଠାରେ ଏହି ମହୋତ୍ସବ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଉଛି। ପ୍ରକୃତିର ବିଭବ, ହେନ୍ତାଳବଣ, ଆର୍ଦ୍ରଭୂମି, ବରିଲ ବଉଳା କୁମ୍ଭୀର, ଡଲଫିନ ଏବଂ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସମ୍ବନ୍ଧରେ ଆଲୋଚନା ହେବ। ଏଥିରେ ଓଡ଼ିଶା, ଓଡ଼ିଶା ବାହାରୁ ଜୀବ ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଆୟୋଜିତ ହେବ। ମାର୍ଚ୍ଚ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ମହୋତ୍ସବକୁ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଶଶି ଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ପ୍ରମୁଖ ଯୋଗ ଦେବେ। ବଲିଉଡ ଗାୟକ

### ଗୁହାଳି ଗ୍ରାମରେ ରାଧାମାଧବ ମନ୍ଦିର ପ୍ରତିଷ୍ଠା

ସିଂହପୁର,୯ା୩(ଡି.ଏନ୍.ଏ.): ବିଂଝାରପୁର ବ୍ଲକ ରାହାସ ଗୁହାଳୀ ଗ୍ରାମରେ ନୂତନ ରାଧା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୨ତାରିଖରୁ ଆରମ୍ଭ ୫ ତାରିଖ ଦିନ ଉଦ୍‌ଯାପିତ ହୋଇଥିଲା। ଏଥିରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧା ମାଧବଙ୍କ ବିଗ୍ରହ ପ୍ରତିଷ୍ଠା, ନଗର ପରିକ୍ରମା କାର୍ଯ୍ୟକ୍ରମରେ ସମସ୍ତ ଯାଦବ ପରିବାର ସହଯୋଗ କରିଥିଲେ। ଅନୁଷ୍ଠାନର ସଂସ୍ଥାପକ ନରେନ୍ଦ୍ର ବାରିକ, ଉପେନ୍ଦ୍ର ବାରିକ, ରତିକାନ୍ତ ବାରିକ, ଶ୍ରୀକାନ୍ତ ବାରିକ, ତପନ ବେହେରା, ରବିନ୍ଦ୍ର ପଲାଇ, ଅମର ବେହେରା, ଘନଶ୍ୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୦୦୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଯାଜପୁର ସଦର,୯ା୩(ଡି.ଏନ୍.ଏ.): ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ୨୦୦୬ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଗଣେଶ୍ୱର ବୋଇତେଇ,ବିଷ୍ଣୁ ଚରଣ ଲେଙ୍କା,ଅବଦୁଲ ଖୁଦୁସ, ଜମାଲୁଦ୍ଦିନ ଖାଁ,ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ,ସମିତି ସଭ୍ୟ ଶେଖ ମୋଜାହିଦ ହକ,ଶିକ୍ଷକ ଫିଦୋଷ ଆଲାମ ଖାଁ,ବିଜୟ କେତନ ପଣ୍ଡା, ଶେଖ ମାସୁମ ଅଲ୍ଲୀ,କର୍ମଚାରୀ ଶେଖ ଫାରୁକ ମହମ୍ମଦ ଓ ଆରତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହୁସଂଖ୍ୟକ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜ ନିଜର ବିଗତ ଦିନର ସ୍ମୃତି ବର୍ଣ୍ଣନା ସହ ଭାବ ବିନିମୟ କରିଥିଲେ।

## ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ମନ୍ତ୍ରୀଙ୍କ ଅନୁରୋଧ


କମ୍ପାନୀ କର୍ତ୍ତୃପକ୍ଷ ଓ ଜନ ପ୍ରତିନିଧିଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

**କାଳିଆପାଣି,୭ା୩(ଡି.ଏନ୍.ଏ.)**

ଖରାଦିନେ ସୁକିନ୍ଦା ଖଣି ଅଞ୍ଚଳରେ ଉପୁଜୁଥିବା ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ମଙ୍ଗଳବାର ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମ ଅତିଥିଶାଳାରେ ଆୟୋଜିତ ଏହି ବୈଠକରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଟିଏସ୍ଏମ୍ଏଲ୍‌ର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଇମ୍ପା ଲୋକ ସମ୍ପର୍କ ଅଧିକାରୀ ମିଲନ କର, ଖଣି ନିଗମ ପାରିପାର୍ଶ୍ୱିକ ପରାମର୍ଶଦାତା ମଧୁସ୍ମିତା ଦାସ ଓ ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀ ଅଜୟ ପାତ୍ରଙ୍କ ସହ ୯ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ସରିବାରେ ବିଳମ୍ବ ହେଉଥିବାରୁ ପୂର୍ବ ବର୍ଷ ପରି ସମସ୍ତ କମ୍ପାନୀ ଟ୍ୟାଙ୍କର ଯୋଗେ ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ।

## ୫୦ରୁ ଉର୍ଦ୍ଧ୍ୱ ଗାଈଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରସୁଲପୁର,୯ା୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗୋପାଳ ସାହିରେ ଗୋ-ବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ପଶୁ ଚିକିତ୍ସା କେନ୍ଦ୍ର ଓ ଓମ୍‌ଫେଡ ମିଳିତ ଆନୁକୂଲ୍ୟରେ ବନ୍ଧ୍ୟା ନିରାକରଣ ଶିବିର ଆୟୋଜିତ ହୋଇଥିଲା। ଏହି ଗାଁରେ ୩୦ରୁ ଉର୍ଦ୍ଧ୍ୱ ପରିବାର ଗୋ-ପାଳକ ବସବାସ କରୁଛନ୍ତି। ଶିବିରରେ ଯୋଗଦେଇଥିବା ଡାକ୍ତରମାନେ ଗୋ-ପାଳକମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଗାଈ, ଛଡା, ଗର୍ଭ ରଖୁ ନ ଥିବା ଗାଈଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସୁବାସ ଚନ୍ଦ୍ର ଜେନା, ପ୍ରାଣୀ ଚିକିତ୍ସା ସହାୟକ ସୁଜତ ସାମଲ, ଓମ୍‌ଫେଡ ସୁପରଭାଇଜର ସମାପିକା ମହାନ୍ତି, ଅଶ୍ୱିନୀ ମହାନ୍ତି, ପଶୁ ନିରୀକ୍ଷକ ବୁଦ୍ଧଦେବ ବାଉଳ, ଗୋ-ମିତ୍ର ଗୌରାଙ୍ଗ ରାଉତ, ପ୍ରମୋଦ କୁମାର ସାହୁ, ଅନନ୍ତ ସାହୁ, ବିଶ୍ୱଜିତ୍ ଲେଙ୍କା, ରମାକାନ୍ତ ପରିଡାଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ସହାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୮୪ କିଲୋ ଗଞ୍ଜେଇ ଜବତ, ୨ ଗିରଫ


ଗିରଫ ହୋଇଥିବା ୨ ବେପାରୀ, ଜବତ ଗାଡ଼ି ଓ ଗଞ୍ଜେଇ ବସ୍ତା।

**ଚଣ୍ଡିଖୋଲ,୯ା୩,(ଡି.ଏନ୍.ଏ.):**

ବଡ଼ଚଣା ପୋଲିସ ଓ ଯାଜପୁର ଜିଲା ପୋଲିସର ମିଳିତ ସ୍କ୍ୱାଡ୍ ଚଢ଼ାଉ କରି ମଙ୍ଗଳବାର ସକାଳେ ୮୪ କେଜି ଗଞ୍ଜେଇ, ଏକ ବାଇକ୍ ଓ ୪ ମୋବାଇଲ୍ ଫୋନ୍ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୩ଲକ୍ଷ ୩୫ ହଜାର ଟଙ୍କା ହେବ ବୋଲି ବଡ଼ଚଣା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଘଟଣାରେ ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ସାଇଲିପଡ଼ା ଗ୍ରାମର ଗୋବିନ୍ଦ ବିଶୋଇ (୪୫) ଓ ମାଲକାନାଗିରି ଜିଲା କାଲିମେଳା ଥାନା ଅଞ୍ଚଳର ଉଦୟ ଶଙ୍କର ବିଶ୍ୱାସ(୪୧)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ପୋଲିସର କହିବା ଅନୁଯାୟୀ, ୨ଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ ଗଞ୍ଜେଇ ନେଇ ଆସୁଥିବା ଖବର କୌଣସି ସୂତ୍ରରୁ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ଜାଣିବାକୁ ପାଇଥିଲେ। ଏହାପରେ ସେ ସ୍ପେଶାଲ ସ୍କ୍ୱାର୍ଡ୍ ଓ ବଡ଼ଚଣା ପୋଲିସକୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ବଡ଼ଚଣା ଥାନା ଅନ୍ତର୍ଗତ କୋଲସାହି ନିକଟ କାଜୁ ଜଙ୍ଗଲ ପାଖରେ ବାଇକ୍‌ରେ ୪ ଥଳିରେ ଗଞ୍ଜେଇ ଧରି ଆସୁଥିବା ୨ ଯୁବକଙ୍କୁ ପୋଲିସ ଧରିଥିଲା। ଏହି ଗଞ୍ଜେଇ ମାଲକାନାଗିରି ଜିଲାରୁ ବିଭିନ୍ନ ରାସ୍ତା ଦେଇ ଯାଜପୁର ଜିଲାରେ ପହଞ୍ଚିଥିଲା। ଏନେଇ ଥାନରେ ନଂ.୬୦/୨୩ରେ ମାମଲା ରୁଜୁ ହୋଇଛି।

## ନାକପୋଲ ହାଟ ମେଲଣ ଉଦ୍‌ଯାପିତ

**ଧର୍ମଶାଳା,୯ା୩ (ଡି.ଏନ୍.ଏ.)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ ନାକପୋଲ ହାଟ ମେଲଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଧାକୃଷ୍ଣଙ୍କ ୫ଟି ବଡ଼ ଓ ୨୦ଟି ଛୋଟ ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଗଙ୍ଗାଧରପୁର ଥାନପତି ସହ ବଙ୍ଗାଳିସାହି, କଣିପାଟିଆ, ବାଜବାଟି, ସେବତୀପୁର ଆଦି ବିମାନ ଯୋଗଦେଇଥିଲେ। ମେଲଣ କମିଟି ସଭାପତି ସଦାନନ୍ଦ ନାୟକ, ସମ୍ପାଦକ ଶ୍ରବଣ କୁମାର ବାରିକ, ସଭ୍ୟ ସଦାଶିବ ଦାସ, କୃଷ୍ଣ ଚନ୍ଦ୍ର ଦାସ, ଲଳିତ ରାଉଳ, ଦେବାନନ୍ଦ ରାଉଳ ପ୍ରମୁଖ ମେଲଣ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସ୍ମୃତିରେଖା ବେହେରା, ପୂର୍ବତନ ଜିଲା ପରିଷଦ ନିରଞ୍ଜନ ରାଉତ ଓ ଦିଲୀପ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଓଠିନ୍ଦାରେ ଅଷ୍ଟପ୍ରହର ନାମଯଜ୍ଞ

**ପାଣିକୋଇଲି,୯ା୩(ଡି.ଏନ.ଏ.):**

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଠିନ୍ଦା ଡିହସାହିଠାରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଚୈତନ୍ୟଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରୁ କଳସବୁଡ଼ାଯାଇ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ୧୫ରୁ ଉର୍ଦ୍ଧ୍ୱ କୀର୍ତ୍ତନ ଦଳ ଏହି ନାମଯଜ୍ଞରେ ସାମିଲ ହୋଇଥିଲେ। ରଙ୍ଗଖେଳ ସହିତ ବହୁ ଆଡମ୍ବରେ ନଗର କରାଯାଇଥିଲା।

## ହୃଦ୍‌ଘାତରେ ଘଣ୍ଟୁଆଙ୍କ ମୃତ୍ୟୁ

**ମାର୍ଶାଘାଇ, ୯ା୩(ଡି.ଏନ.ଏ.):**

ମାର୍ଶାଘାଇ ବ୍ଲକର ଡଅଁରମୁଣ୍ଡ ଗାଁର ଏକ ଯଜ୍ଞରେ ମଙ୍ଗଳବାର କଳସ ଶୋଭାଯାତ୍ରାକୁ ଆସିଥିବା ଏକ ଘଣ୍ଟୁଆ ଦଳର ଜଣେ ଘଣ୍ଟୁଆଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁର ମେଣ୍ଢାଖିଆ ଗାଁରୁ ଏକ ଘଣ୍ଟୁଆ ଦଳ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଡଅଁରମୁଣ୍ଡ ଗାଁରେ ଆୟୋଜିତ ହେଉଥିବା ଶ୍ରୀ ଶ୍ରୀବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞରେ କଳସ ଶୋଭାଯାତ୍ରାରେ ଘଣ୍ଟ ବଜାଇବାକୁ ଆସିଥିଲେ। ଘଣ୍ଟ ବାଡେଇବା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଉକ୍ତ ଦଳର ସଦସ୍ୟ ଦୈତାରୀ ସାହୁ (୫୦)ଙ୍କ ହଠାତ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ସାଥୀ କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା।

## ରାଇଜିଂ ଷ୍ଟୁଡେଣ୍ଟ କଟକ ଚାମ୍ପିୟନ

### ଧର୍ମଶାଳା କପ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଧର୍ମଶାଳା,୯ା୩ (ଡି.ଏନ.ଏ.)**


ଚାମ୍ପିୟନ ଦଳକୁ ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି।

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ଅଷ୍ଟମ ଧର୍ମଶାଳା କପ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚ ଗଣ୍ଡରପୁର ଏଫ୍‌ସି ଭୁବନେଶ୍ୱର ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯାଇଥିଲା। ଟାଇବ୍ରେକର ଜରିଆରେ ୭-୬ ଗୋଲରେ ଭୁବନେଶ୍ୱରକୁ ପରାସ୍ତକରି କଟକ ରାଇଜିଂ ଷ୍ଟୁଡେଣ୍ଟ ଟିମ୍ ଚମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନଥିଲେ। ଫଳରେ ଟାଇବ୍ରେକର ପଦ୍ଧତିରେ ପେନାଲଟି ସୁଟଆଉଟରେ ୭-୬ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ନିକୁଞ୍ଜ ମହାନ୍ତି ପରିଚାଳନା କରିଥିବା ବେଳେ ସୁମନ ଦାସ ଓ ଅଭୟ ଦାସ ଲାଇନରେ ସହାୟତା କରିଥିଲେ। ଅନୁଷ୍ଠାନର ସଭାପତି ଆଲୋକ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥି ଏବଂ ଜଳଧର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ଦିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅୟେସକାନ୍ତ ସ୍ୱାଇଁ କୃତଜ୍ଞତା ଜଣାଇଥିଲା ବେଳେ ସରୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ଚଣ୍ଡିଖୋଲ/ଛତିଆ,୯ା୩(ଡି.ଏନ୍.ଏ.):**



କାରଖାନା ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତ ବୁଢ଼ାକେନ୍ଦୁଆଠାରେ ଥିବା ଏକ ଆଇରନ୍ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଏହାକୁ ନେଇ ଗତ ମଙ୍ଗଳବାର ଶ୍ରମିକମାନେ କାରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଶ୍ରମିକମାନେ ଦୀର୍ଘ ସମୟ ଧାରଣାରେ ବସିବା ପରେ କାରଖାନା କର୍ତ୍ତୃପକ୍ଷ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ସହିତ କିଛି ଦାବିପୂରଣ ସମ୍ପର୍କରେ ସହମତ ହୋଇଥିଲେ। ଏହାବାପରେ ଶ୍ରମିକମାନେ ଧାରଣାରୁ ଓହରି ଯାଇଥିଲେ।

ଅଭିଯୋଗ ଅନୁଯାୟୀ, ପ୍ରଶାସନର ଛତ୍ରଛାୟା ଓ ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ବିଭିନ୍ନ ସମୟରେ ଶୋଷଣ କରିଚାଲିଛନ୍ତି। ଶ୍ରମର ସମୟ ଠିକ୍ ଭାବରେ ଦିଆ ନ ଯାଇ ଅଧିକ ସମୟ କମ୍ପାନୀ କର୍ତ୍ତୃପକ୍ଷ ଖଟାଉଛନ୍ତି। ହେଲେ ଉଚିତ ପାରିଶ୍ରମିକ ଦେଉନାହାନ୍ତି। ପୋଷାକ, ସାପ୍ତାହିକ ଛୁଟି ଏବଂ ଛୁଟି ପଇସା ଆଦି ମିଳୁନାହିଁ। ସେଠାରେ ହେଉଥିବା ଧୂଳି ଧୂଆଁରେ ଜୀବନ ପ୍ରତି ବିପଦ ରହିଛି। ବାରମ୍ବାର ଦାବି କରୁଥିଲେ ମଧ୍ୟ ଦୀର୍ଘ ବର୍ଷ ହେବ ବେତନ ବୃଦ୍ଧି କରାଯାଉ ନାହିଁ। ଏହି ସବୁ ଦାବି ନେଇ ବାରମ୍ବାର କାରଖାନାର ଅଧିକାରୀମାନଙ୍କୁ ଜଣାଇବା ପରେ କୌଣସି ସୁଫଳ ନ ମିଳିବାରୁ ଶ୍ରମିକମାନେ ବାଧ୍ୟ ହୋଇ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିବା କହିଥିଲେ।

## ସଂକ୍ଷେପରେ

### ହୃଦ୍‌ଘାତରେ ଘଣ୍ଟୁଆଙ୍କ ମୃତ୍ୟୁ

**ମାର୍ଶାଘାଇ, ୯।୩(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକର ଡଅଁରମୁଣ୍ଡ ଗାଁର ଏକ ଯଜ୍ଞରେ ମଙ୍ଗଳବାର କଳସ ଶୋଭାଯାତ୍ରାକୁ ଆସିଥିବା ଏକ ଘଣ୍ଟୁଆ ଦଳର ଜଣେ ଘଣ୍ଟୁଆଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁର ମେଣ୍ଢାଖିଆ ଗାଁରୁ ଏକ ଘଣ୍ଟୁଆ ଦଳ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଡଅଁରମୁଣ୍ଡ ଗାଁରେ ଆୟୋଜିତ ହେଉଥିବା ଶ୍ରୀ ଶ୍ରୀବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞରେ କଳସ ଶୋଭାଯାତ୍ରାରେ ଘଣ୍ଟ ବଜାଇବାକୁ ଆସିଥିଲେ। ଘଣ୍ଟ ବାଡେଇବା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଉକ୍ତ ଦଳର ସଦସ୍ୟ ଦୈତାରୀ ସାହୁ (୫୦)ଙ୍କ ହଠାତ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ସାଥୀ କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା।

### ପ୍ରସିଦ୍ଧ ହରିଅଙ୍କ ମେଳଣ

**ଡେରାବିଶ, ୯।୩(ସ୍ୱ.ପ୍ର.):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ମେଳଣ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଲୁଣା-ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ଅନୁଷ୍ଠିତ ଏହି ମେଳଣ ଦୋଳପୂର୍ଣ୍ଣିମୀ ତିଥି ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା। ମେଳଣରେ ଚଳିତ ବର୍ଷ ୮୫ରୁ ଊର୍ଦ୍ଧ୍ୱ ବିମାନ ବାଜା, ବାଣ ଓ ରୋଶଣୀ ମଧ୍ୟରେ ମେଳଣ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ମେଳଣର ଥାନପତି ଦଧିବାମନଜୀଉ ଓ ହରିଅଙ୍କ ମଠ ବିମାନ ପଡ଼ିଆରେ ସନ୍ଧ୍ୟା ୭ଟାରେ ପ୍ରଥମେ ଉପବେଶନ କରିବା ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡ଼ିକ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ଏଥିସହ ମେଳଣ ପଡ଼ିଆରେ ମଧ୍ୟରେ ଫାଷ୍ଟଫୁଡ୍, ଘର କରଣା ଜିନିଷ ଇତ୍ୟାଦି ବିଭିନ୍ନ ଦୋକାନ ବଜାର ପଡ଼ିଥିଲା। ଚାନ୍ଦୋଳ ଫାଣ୍ଡି ପକ୍ଷରୁ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ତାଙ୍କ ଟିମ୍ ଅସ୍ଥାୟୀ ଶିବିର ଖୋଲି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ଶ୍ରୀସପନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା

**ରାଜନଗର, ୯।୩(ଡି.ଏନ.ଏ.):** ରାଜନଗର ଗ୍ରାମର ବଡଦାଣ୍ଡରେ ଶ୍ରୀ ଶ୍ରୀ ସପନେଶ୍ୱର ମହାଦେବଙ୍କ ଶ୍ରୀ ବିଗ୍ରହ ଓ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ଭକ୍ତମାନେ ୧୦୮ କଳସ ଯାତ୍ରା କରି ହଂସୁଆ ନଦୀରୁ ଜଳ ଉଠାଇ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରୀ ସପନେଶ୍ୱର ମହାଦେବଙ୍କ ବୈଦିକ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ମନ୍ଦିର ବେଢ଼ାରେ ଆୟୋଜିତ ବିଶ୍ୱଶାନ୍ତି ଯଜ୍ଞର ଅଙ୍କୁରାରୋପଣ, ଶୁଭାଧିବାସ, ଯଜ୍ଞ କର୍ମ, ଦେବତା ସ୍ଥାପନ ଆଦି କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଶ୍ରୀସପନେଶ୍ୱରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କରାଯାଇ ଯଜ୍ଞାହୁତି, ଶତ ରୁଦ୍ରାଭିଷେକ ଓ ଯଜ୍ଞର ପୂର୍ଣ୍ଣାହୂତି ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ରାଜନଗର ବଡଦାଣ୍ଡ ଗାଁ କମିଟି ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ହେଉଛି।

# ବିଳମ୍ବରେ ଓଳକଣା ମେଳଣ ଶେଷ ହେଲା

**ଡେରାବିଶ, ୯।୩ (ସ୍ୱ.ପ୍ର.)**

ପ୍ରସିଦ୍ଧ ଓଳକଣା ମେଳଣ ମଙ୍ଗଳବାର ଶେଷ ହୋଇଛି। ଅନନ୍ୟ ପରମ୍ପରାର ପ୍ରତୀକ ଏହି ଓଳକଣା ମେଳଣରେ ୧୨୦ରୁ ଊର୍ଦ୍ଧ୍ୱ ବିମାନ ବିଧି ବ୍ୟବସ୍ଥା ମଧ୍ୟରେ ପଡ଼ିଆକୁ ପ୍ରବେଶ କରିଥିଲେ। ଏଥିପାଇଁ ମେଳଣ ପଡ଼ିଆରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ସୋମବାର ସନ୍ଧ୍ୟାରୁ ଶାଗ ଭଜା ଓ ଦହି ପଖାଳ ପ୍ରସାଦ ପାଇବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ଼ ଜମାଇ ଥିଲେ। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅନୁଷ୍ଠିତ ହେଉଥିବା ଏହି ମେଳଣ ପାଇଁ ଉଭୟ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲ। ହେଲେ ଚଳିତବର୍ଷ ମେଳଣ ପଡ଼ିଆକୁ ଆସୁଥିବା ବିମାନ ପହଞ୍ଚିବାରେ ବହୁ ବିଳମ୍ବ ହୋଇଥିଲା। ଏପରି କି ମେଳଣର ମୁଖ୍ୟ ଆକର୍ଷଣ ମାହାଙ୍ଗା ବ୍ଲକର ପ୍ରସିଦ୍ଧ ଦେବପୀଠ ଶ୍ରୀଭଦ୍ରେଶ୍ୱରଙ୍କ ମନ୍ଦିରରୁ ଆସୁଥିବା ଶିବଶକ୍ତି ବିମାନ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପହଞ୍ଚି ଥିଲା। ଏଥିପାଇଁ ପ୍ରଶାସନିକ ଅବ୍ୟବସ୍ଥାକୁ ସାଧାରଣ ଲୋକ ଦାୟୀ କରିଛନ୍ତି।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମେଳଣରେ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବାବେଳେ ଓଳକଣା ମେଳଣରେ ଆଳି ରାଜାଙ୍କ ବ୍ଲକ


ଓଳକଣା ମେଳଣ ପଡିଆରେ ବିମାନ ସମ୍ମୁଖରେ ଭୋଗ ଲାଗି କରାଯାଇଛି।

ଅଧୀନସ୍ଥ ରାଜନଗରରୁ ଆସୁଥିବା ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଆସୁଥିବା ଆଉ ଏକ ବିମାନରେ ମା' ଲକ୍ଷ୍ମୀ ଏବଂ କଟକ ଜିଲା ମାହାଙ୍ଗା ଥାନା ଭଦ୍ରେଶ୍ୱରରୁ ଆସୁଥିବା ବିମାନରେ ଶିବଶକ୍ତି ପୂଜା ପାଇବା ମେଳଣର ଅନନ୍ୟ ପରମ୍ପରା। ପ୍ରାଚୀନତମ ଏହି ମେଳଣ ପଡ଼ିଆରେ ପ୍ରଥମେ ବ୍ଲକ ଅଧୀନ ରାଜନଗରରୁ ଆସୁଥିବା ଆଳି ରାଜାଙ୍କ ବିମାନରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଡେରାବିଶର ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ପ୍ରଥମେ ମଙ୍ଗଳବାର ପ୍ରାତଃରୁ ପୂର୍ବଦ୍ୱାର ଦେଇ ପଡ଼ିଆ ମଧ୍ୟକୁ ପ୍ରବେଶ କରି ମାଟି ନିର୍ମିତ କନକ ବେଦିରେ ଉପବେଶନ କରିଥିଲେ। ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ମେଳଣର ମୁଖ୍ୟ ଆକର୍ଷଣ ଥିଲା ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ପୀଠରୁ ଆସୁଥିବା ବିମାନ। ଏହି ବିମାନରେ ହରରୂପି ଶ୍ରୀଭଦ୍ରେଶ୍ୱର ମଙ୍ଗଳବାର ପ୍ରାତଃରେ ପହଞ୍ଚିବାକୁ ଥିବାବେଳେ ମଧ୍ୟାହ୍ନରେ ପହଞ୍ଚି ଥିବାରୁ ମେଳଣରେ ଉପବେଶନ କରିଥିବା ସମସ୍ତ ବିମାନ ନିଜ ନିଜ ସ୍ଥାନରେ ବସି ରହିଥିଲେ। ଫଳରେ ଚଳିତବର୍ଷ ମେଳନ ବହୁ ବିଳମ୍ବରେ ଶେଷ ହୋଇଥିଲା। ପରମ୍ପରା ଅନୁଯାୟୀ ୧୦୮ ଘଣ୍ଟ ପଟୁଆର ମଶାଲ ଓ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ଏକ ଆଳତି ପଡ଼ିଆ ମଧ୍ୟରେ ଥିବା ଭକ୍ତ ବିଦୂରଙ୍କ ମନ୍ଦିରକୁ ଯାଇଥିଲା। ଏଥିସହ କନକବେଦୀରେ ଉପବେଶନ କରିଥିବା ମା' ଲକ୍ଷ୍ମୀଠାକୁରାଣୀଙ୍କ ନିକଟରେ ବସାଇ ଯାଇଥିବା କଳସ ପାଖରୁ ଶସ୍ୟ ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ପ୍ରବାଦ ଅଛି ଏହି ଶସ୍ୟ ଟିକେ୍ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣହେବ। ମେଳଣର ବିଶେଷତ୍ୱ ହେଉଛି ଅନ୍ୟ ମେଳଣରେ ବିମାନଗୁଡ଼ିକ ବସିବା ପାଇଁ

### ଲକ୍ଷେରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ସ୍ୱତନ୍ତ୍ର ଆସନ ଦିଆଯାଉଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। କୌଣସି ବିମାନ ବସିବା ପାଇଁ ଆସନ ଦିଆଯାଇ ନ ଥିବାବେଳେ ପାରମ୍ପରିକ ରୀତିନୀତି ଅନୁସାରେ କାହା ପାଖରେ କେଉଁ ବିମାନ ବସିବ ତାହା ବିଧି ବ୍ୟବସ୍ଥାରେ ହୁଏ। ବିମାନଗୁଡ଼ିକ ସମ୍ମୁଖରେ ପଡ଼ିଥିବା ଚଦରରେ ଶତାଧିକ ସଂଖ୍ୟାରେ ମାନସିକାଧାରୀ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଭୋଗ ଲାଗି ହେବା ଦେଖାଯାଇଥିଲା। ଏହି ଅବସରରେ ପରମ୍ପରା ଅନୁଯାୟୀ ଆସନ୍ତା ବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ସମସ୍ତ ବିମାନଙ୍କୁ ବିମାନ ପ୍ରତିନିଧି ଫୁଲ ଅବିର ଦେଇ ବରଣୀ କରାଯାଇଥିଲା। ଉଭୟ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇ ମେଳନକୁ ଶୃଙ୍ଖଳିତ କରିବାକୁ କେତେକ କଟକଣା ଜାରି କରିଥିଲେ। ହେଲେ କେତେକ ବିମାନ ପକ୍ଷରୁ ଏହି କଟକଣାକୁ ଉଲ୍ଲଂଘନ କରାଯାଇଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଉଭୟ ଡେରାବିଶ ଓ ମାହାଙ୍ଗ ତହସିଲଦାରଙ୍କ ସମେତ ଭଦ୍ରେଶ୍ୱର ଓ ଡେରାବିଶ ଥାନା ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଥିଲା।

### ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରଠାରେ ରାଜ ମେଳଣ

**ପଟ୍ଟାମୁଣ୍ଡାଇ, ୯।୩ (ସ୍ୱ.ପ୍ର.)**

ଦୋଳପର୍ବ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ବୁଧବାର ଦୋଳପୂର୍ଣ୍ଣିମା ପାଳନ ଅବସରରେ ରାଜ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ରାଜ ମେଳଣରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୯୦ଟି ଦୋଳ ବିମାନ ଏକତ୍ରିତ ହୋଇଥିଲେ। ବଣିକ ସଂଘ ପକ୍ଷରୁ ଠାକୁରଙ୍କ ବିମାନଗୁଡ଼ିକୁ ସ୍ୱାଗତ କରାଯିବା ସହ ବନ୍ଦାପନା କରି ଆସନ ଦିଆଯାଇଥିଲା। ଏହି ବିମାନଗୁଡ଼ିକ ମଧ୍ୟରେ ମାଟିଆର ମଦନମୋହନ ଜୀଉ, ପୋଖରିଆପଡ଼ା ହରପାର୍ବତୀ, ମଠସାହିର ଶ୍ରୀନୃସିଂହନାଥ ଜୀଉ, ଅଠରବାଟିଆ ଶ୍ରୀଗୋପୀନାଥ ଜୀଉ, ବନ୍ଧପଡ଼ାର ଶ୍ରୀରାଧାକାନ୍ତ ଜୀଉ, ନୂଆଗାଁ କନକଦୁର୍ଗା, ବେଲତଳ ଗାଁର କୁଞ୍ଜବିହାରୀ, ରାଧାରମଣ, ଶ୍ରୀଗୋପୀନାଥ ଜୀଉ, ଶ୍ରୀଅନନ୍ତ ଶୟନ ଓ ରାଧାକୃଷ୍ଣ ଜୀଉ, ଦକ୍ଷିଣଦିଆ ଗାଁର ବାଲଗୋପାଳ, କୈଳାସି ଗାଁର ଲକ୍ଷ୍ମୀ ବରାହଙ୍କ ସମେତ ବହୁ ଗ୍ରାମର ଦୋଳ ବିମାନ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସଭାପତି ଗୋପୀନାଥ କର, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପସଭାପତି ମୋହନ ଦାଶ, କିରଣ କୁମାର ଭୂୟାଁ ପ୍ରମୁଖ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା କରିଥିଲେ। ରାହାସରେ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇ ଠାକୁର ବିମାନଗୁଡ଼ିକର ପୂଜାର୍ଚ୍ଚନା କରି ରାହାସ କରିଥିଲେ।

# ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ: ରାସ୍ତାରୋକୋ

**ଆଳି, ୯।୩ (ଡି.ଏନ.ଏ.)**

ଆଳି ଥାନା ଅଞ୍ଚଳର କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ବୁଧବାର ଅପରାହ୍ନରେ ପିକ୍‌ଅପ ଧକ୍କାରେ ଆଳି ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ମୃତ୍ୟୁ ଘଟିଛି। ଏହାକୁ କେନ୍ଦ୍ରକରି ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଘଟଣାସ୍ଥଳରେ ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା, ଆଳି ଥାନା ଆଇଆଇସି ଦିଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଧ୍ୟାପକ ସାହୁ ଅପରାହ୍ନରେ ତାଙ୍କ ବାଇକ୍ ନଂ. ଓଡ଼ ୨୯ଜେ ୫୯୯୫ରେ ପତ୍ନୀ ଓ ପୁଅକୁ ନେଇ ଘରୁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିଲେ। ଛପୋଲିଆ ନିକଟରେ ପଟ୍ଟାମୁଣ୍ଡାଇ ପଟରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ନଂ. ଓଡି ୦୪ଏମ୍ ୦୫୮୯ ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ବିଜୟ, ତାଙ୍କ ପତ୍ନୀ ଓ ପୁଅ ରାସ୍ତାରେ ଛିଟିକି ପଡ଼ିଥିଲେ। ବିଜୟଙ୍କ ଡାହାଣ ଗୋଡ଼ ଉପରେ ପିକ୍‌ଅପ ଭ୍ୟାନଟି ଚଢି ଯିବାରୁ ତାହା ସମ୍ପୂର୍ଣ୍ଣ ଭାବେ କଟି ଯାଇଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ


ପ୍ରଶାସନିକ ଅଧିକାରୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

### ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ଅଧିକାରୀ

ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦେଇଥିଲେ। ପରିବାର ଲୋକ ବିଜୟଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବାକୁ କଟକର ଏକ ଘରୋଇ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିଜୟଙ୍କ ପତ୍ନୀଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁଅଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି।

ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟି କିଛିଦିନ ମଧ୍ୟରେ ୮ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏହି ସ୍ଥାନକୁ ଦୁର୍ଘଟଣାସ୍ଥଳ ଘୋଷଣା ସହ ହମ୍ପସ ନିର୍ମାଣ ଓ ଆଲୋକୀକରଣ ଦାବି କରିଛନ୍ତି। ଏ ନେଇ ଆଳି ଥାନା ଆଇଆଇସି ଦିଲୀପ ସାହୁ, ଜିଲା ପରିବହନ ବିଭାଗ, ପୂର୍ତ୍ତ ବିଭାଗ ଓ ଜିଲାପାଳଙ୍କ ନିକଟକୁ ଏହି ରାସ୍ତାର ଦୁର୍ଘଟଣାକୁ ଲକ୍ଷ କରି ଦୁର୍ଘଟଣା ପ୍ରବଣ ସ୍ଥାନ ଘୋଷଣା ନିମନ୍ତେ ଏକ ଚିଠି ଲେଖିଥିଲେ। ବୁଧବାର ଦୁର୍ଘଟଣା ପରେ ଗୁରୁବାର ଅପରାହ୍ନରେ ଜିଲା ପରିବହନ ବିଭାଗ, ପୂର୍ତ୍ତ ବିଭାଗର ଏସଡ଼ିଓ ନିହାର ମାଝି, କନିଷ୍ଠଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା, ଆଳି ଥାନା ଆଇଆଇସି ସାହୁ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କ ସମେତ ଅଞ୍ଚଳବାସୀଙ୍କ ଉପସ୍ଥିତରେ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରି ଖୁବ୍‌ଶୀଘ୍ର ସେହିସ୍ଥାନକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରିବାକୁ ହମସର୍ନିମାଣ ନିମନ୍ତେ ପ୍ରତିଶୃତି ଦେଇଛନ୍ତି। ଆଳି ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବିଜୟ ସାହୁଙ୍କ ମର ଶରୀର ଶୋଭାଯାତ୍ରାରେ ପହଞ୍ଚିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ, ୪ର୍ଥ ଶ୍ରେଣୀ କର୍ମଚାରୀ, ଛାତ୍ରୀଛାତ୍ରମାନେ ଶେଷ ଦର୍ଶନ କରିବା ସହ ଅମରଆତ୍ମାର ସଦ୍‌ଗତିକାମନା କରିଥିଲେ।

### ପାରିନୂଆପଡ଼ା ବଳିତରଘାଟ ପୋଲ ବର୍ଷେ ମଧ୍ୟରେ ଶେଷ ହେବ

**ରାଜକନିକା, ୯।୩ (ଡି.ଏନ.ଏ.)**

ରାଜକନିକା ବ୍ଲକର ଗ୍ରାମବାସୀଙ୍କ ପକ୍ଷରୁ ପାରି ନୂଆପଡ଼ା ଗୋପବନ୍ଧୁ ଜୀଉ ସେବା ସଂଘର ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସାମାଜିକ କର୍ମୀ ରାହାସ ବିହାରୀ ପରିଡ଼ା ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ କହିଲେ, କୁଆଖିଆରୁ ଆସୁଥିବା ଜାତୀୟ ରାଜପଥ ବଡ଼ହଲପଡ଼ାରୁ କନପୁରଦେଇ ଓସ୍ତିଆ ଦେଇ ଜରିସାହି ଛକକୁ ବାହାରିବ। ଏଠାରୁ ଜୟନଗର ଘାଟରେ ପୋଲ ନିର୍ମାଣ ହେବ। ଏଥିପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ପର୍ଯ୍ୟଟକ ଭୁବନେଶରରୁ ଭିତରକନିକା ବୁଲି ପୁଣି ଅଳ୍ପ ସମୟ ମଧ୍ୟରେ ଫେରି ଯାଇପାରିବେ। ତେବେ ୧୦୮ କୋଟି ବ୍ୟୟ ଅଟକଳରେ ପାରିନୂଆପଡ଼ା- ବଳିତରଘାଟରେ ପୋଲ ବର୍ଷକ ମଧ୍ୟରେ ଶେଷ ହେବ। ଏହାଛଡା ପଣସଗଣ୍ଡ, ଅବଦୁଲପୁର, ଚରପଡ଼ା ନମତରା, ଦେଉଳତରା, କଇଁଆପାଖଳ ଓ ପାରିନୂଆପଡ଼ା, ଦେଉଳସାହି , ଓଳାଭର ପେଗରପଡ଼ା, ବାରାହାଦେମଣ୍ଡା, ସିହୋପଡ଼ା ହାଟସାହି ପଞ୍ଚାୟତର ବହୁ ଲୋକ ଉପକୃତ ହେବେ। ରାଜକନିକା ପଞ୍ଚାୟତ ସମିତିର ଅଧକ୍ଷ ମିନତି ରାଉତ, ଉପାଧକ୍ଷ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ଶବରାମ ଦାସ, ରାହାସ ବିହାରୀ ପରିଡା ଓ ପ୍ରଦୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନିଆରା ବାହାଘର, ଚର୍ଚ୍ଚାରେ ପ୍ରସନ୍ନ


ସାଧୁସନ୍ଥଙ୍କ ଗହଣରେ ବରକନ୍ୟା।

**କେନ୍ଦ୍ରାପଡ଼ା ଅଫିସ, ୯।୩**

ବାଜା, ବାଣ, ରୋଶଣୀ ନାହିଁ। ଗୋମାତା ପୂଜନ, ସାଧୁସନ୍ଥଙ୍କ ପୂଜନ ପରେ ବୈଦିକ ରୀତିନୀତି ଅନୁଯାୟୀ ବାହାଘର। ହିନ୍ଦୁ ସଂସ୍କୃତିର ପରମ୍ପରାକୁ ଆଧାର କରି ହୋଇଥିବା ବାହାଘର ପାଇଁ କେନ୍ଦ୍ରାପଡ଼ା ବ୍ଲକ ବାରୋ ଗ୍ରାମର ପ୍ରସନ୍ନ ପରିଡା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ଅଛନ୍ତି। କେନ୍ଦ୍ରାପଡ଼ା ସହରର ଗୋପଛକସ୍ଥିତ କମଳ ଭବନଠାରେ ଏହି ବିବାହ କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଥିଲା। ବିବାହ ସମ୍ପର୍କରେ ଶିକ୍ଷାବିତ୍ ଭୂବନମୋହନ ଜେନା କହିଛନ୍ତି, ପ୍ରସନ୍ନ ପିଲାଦିନଠାରୁ ସାଧୁସନ୍ଥଙ୍କ ମେଳରେ ରହି ଆସିଛନ୍ତି। ହିନ୍ଦୁ ସଂସ୍କୃତିକୁ ଅତି ପାଖରୁ ଦେଖିଥିବାରୁ ପରମ୍ପରା ଅନୁଯାୟୀ ଏହି ବାହାଘର ହୋଇଛି। ପ୍ରସନ୍ନ ଓ ମିତାରାଣୀ ପ୍ରଥମେ ଗୋପୂଜନ ସହ ୨୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ନିରାଡମ୍ବରରେ ବୈଦିକ ରୀତିରେ ବାହାଘର ହୋଇଥିଲା। ଏ ସମ୍ପର୍କରେ ପ୍ରସନ୍ନ କୁହନ୍ତି, ସମ୍ପ୍ରତି ବିବାହକୁ ଏକ ବୈଦିକ କାର୍ଯ୍ୟ ଓ ସାମାଜିକ ଆବଶ୍ୟକତା ବୋଲି ନ ଭାବି ମଉଜ ମଜ୍‌ଲିସରେ ଲିପ୍ତ ରହୁଛନ୍ତି। ଏହି ବିବାହରେ ଆମିଷ ବର୍ଜନ ସହ ନିଶା ସେବନ ତ୍ୟାଗକୁ ଆଦର୍ଶ ଭାବେ ଗ୍ରହଣ କରିବାକୁ ସାମାଜିକ ବାର୍ତ୍ତା ଦିଆଯାଇଛି। ଏହି ବିବାହରେ ବହୁ ସାଧୁସନ୍ଥଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# କନିକା ପଞ୍ଚଦୋଳ ରାଜ ମେଳଣ

**ରାଜକନିକା, ୯।୩ (ଡି.ଏନ୍.ଏ.)**

ରାଜକନିକାର ୬ଶହ ବର୍ଷର ପୁରୁଣା ପ୍ରସିଦ୍ଧ ପଞ୍ଚୁଦୋଳ ରାଜ ମେଳଣ ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି। ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଏହି ମେଳଣ ଉତ୍ସବ ଦୋଳ ପୂର୍ଣ୍ଣିମା ଦିନ କନିକା ରାଜବାଟୀ ସମ୍ମୁଖରେ ଶେଷ ହୋଇଛି। କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ପ୍ରତ୍ୟେକ ବିମାନରେ ବିରାଜମାନ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଭୋଗ ଲାଗି କରି ଫଗୁ ଖେଳିଥିଲେ। ଏହି ୫ ଦିନିଆ ମେଳଣ ଉତ୍ସବ ପ୍ରଥମେ କାଳିକାପୁର ପରେ ଆୟତନ, ଦେଉଳି, ଗିରିଆ ଓ ଶେଷରେ ପୂର୍ଣ୍ଣିମା ଦିନ ଲୋକମାନଙ୍କ ଆକର୍ଷଣ ହୋଇଥାଏ ରାଜକନିକାର କନିକା ରାଜ ମେଳଣ। କନିକା ରାଜାଙ୍କ ସେବାୟତରେ ବିଭିନ୍ନ ମଠ ଓ ମନ୍ଦିରଗୁଡ଼ିକରେ ଭିନ୍ନ ଭିନ୍ନ ନାମରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ମେଳଣ ଉତ୍ସବକୁ ଅସିଥିବା ଦେଖିବାକୁ ମିଳିଥିଲା। ଏହି ଦୋଳ ମେଳଣ ଉତ୍ସବରେ ଗୋପାଳ ଜୀଉ, ଗୋପିନାଥ ଜୀଉ, ନୃସିଂହନାଥ ଜୀଉ, ରାଧାକାନ୍ତ ଜୀଉ, କୋଟିବ୍ରହ୍ମାଣ୍ଡନାଥ, ଲଛମନ ଜୀଉ, ରଘୁନାଥ ଜୀଉ, ଦଧିବାମନ ଜୀଉ, ବୃନ୍ଦାବନ ଜୀଉ, ରାଜଗୁରୁଙ୍କ ସମେତ ପ୍ରାୟ ୫୦ଟି ବିମାନ ଶୋଭା ବର୍ଦ୍ଧନ କରିଥିଲେ। ଶ୍ରୀଜୀଉମାନେ ସୁସଜ୍ଜିତ ବିମାନଗୁଡ଼ିକ ଥାଟପଟାଳି ସହ ବାଣ ରୋଶଣୀ କରି ମଳେଣ ପଡ଼ିଆକୁ ଆସିଥିଲେ। ଏହି ମେଳଣ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭାଇଚାରାର ଏହି ମହାନ ପର୍ବରେ କନିକା ରାଜା ସାହେବ ଓ ରାଣୀ ସାହିବା ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସହ ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ପ୍ରୀତି ବାଂଟି ଫଗୁ ଖେଳିଥିଲେ। ପୁରାତନ ହୁରୀ ଗୀତ ସାଙ୍ଗକୁ ଘଣ୍ଟ, ଘଣ୍ଟା, ହୁଳହୁଳି, ଝାଞ୍ଜ, ମୃଦଙ୍ଗ, କାହାଳି ସହ ନାଚ ଗୀତରେ ମେଳଣ ପଡ଼ିଆ ଫାଟି ପଡ଼ିଥିଲା।


ରାଜ ମେଳଣକୁ ଶ୍ରଦ୍ଧାଳୁମାନେ କାନ୍ଧେଇଛନ୍ତି।

### ଆଜିଠାରୁ ଭିତରକନିକା ମହୋତ୍ସବ ୨୦୨୩

**ରାଜନଗର, ୯।୩ (ଡି.ଏନ.ଏ.)**

ଭିତରକନିକା ମହୋତ୍ସବ ୨୦୨୩ ଦ୍ୱିତୀୟ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବ। ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ନଳିତାପାଟିଆ ଠାରେ ଏହି ମହୋତ୍ସବ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ ହେଉଛି। ପ୍ରକୃତିର ବିଭବ, ହେନ୍ତାଳବଣ, ଆର୍ଦ୍ରଭୂମି, ବଉଳା କୁମ୍ଭୀର, ଡଲଫିନ ଓ ଅଲିଭ୍‌ରିଡ୍‌ଲେଙ୍କ ସମ୍ବନ୍ଧରେ ଆଲୋଚନା ହେବ। ଏଥିରେ ଓଡ଼ିଶା, ଓଡ଼ିଶା ବାହାରୁ ଜୀବ ଓ ପ୍ରାଣୀ ବୈଜ୍ଞାନିକ, ଗବେଷକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଆୟୋଜିତ ହେବ। ମାର୍ଚ୍ଚ ୧୦ରୁ୧୨ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ମହୋତ୍ସବକୁ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଶଶି ଭୂଷଣ ବେହେରା, ବିଧାୟକ ଧ୍ରୁବ ସାହୁ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ପ୍ରମୁଖ ଯୋଗ ଦେବେ। ବଲିଉଡ ଗାୟକ ଅଭିଜିତ ସାୱନ୍ତ, ଓଲିଉଡ୍ ଗାୟିକା ଶ୍ରୀଜାତା ଉପାଧ୍ୟାୟଙ୍କ ସମେତ ଅନ୍ୟ କଣ୍ଠଶିଳ୍ପୀ ଓ ନୃତ୍ୟ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବେ।

# ରାଜନଗର ଦୋଳ ମେଳଣରେ ୩୧ ବିମାନ


ମେଳଣ ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁମାନେ।

**ରାଜନଗର, ୯।୩(ଡି.ଏନ.ଏ.)**

ରାଜନଗର ବ୍ଲକ ପରିସରକୁ ଦୋଳ ମଳଣରେ ବିଭିନ୍ନ ସ୍ଥାନରୁ ୩୧ଟି ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାଙ୍କୁ ଭକ୍ତମାନେ ବାଜା, ବାଣ, ରୋଶଣୀ ଥାଟପାଟ ମଧ୍ୟରେ ପଡିଆକୁ ଆଣିଥିଲେ। ପବିତ୍ର ଦୋଳପୂର୍ଣ୍ଣିମା ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟିର ସଭାପତି ତଥା ରାଜନଗର ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ପୁରୋହିତଙ୍କ ବେଦମନ୍ତ୍ର ମଧ୍ୟରେ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ମଣ୍ଡପ ପ୍ରତିଷ୍ଠା ପରେ ପ୍ରଥମେ ଥାନପତି ରାଜନଗର ଦଧିବାମନଜୀଉଙ୍କ ମନ୍ଦିରରୁ ରୋଶରୀରେ ପାଛୋଟି ନିଆଯାଇଥିଲା। ଥାନପତି ମେଳଣ ମଣ୍ଡପରେ ବିରାଜମାନ କରିବା ପରେ ରାଧାକୃଷ୍ଣ କମିଟିର ସଭାପତି ମେଳଣ କମିଟିର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ପୁରୋହିତମାନେ ରାଜନଗର ଗ୍ରାମ ମୁଣ୍ଡରୁ କେରେଡାଗଡ଼, ରିଘାଗଡ଼, ପେଣ୍ଠ, ଭିତରଗଡ, ମହିଁଷାସୁର, ରାଜନଗର, ସାନବଡ଼ଗୋପାଳପୁର, ମହୁଲିଆ, କୁରୁଣ୍ଟି ମାଣପଡ଼ା, ଓସ୍ତିଆ, ବଡକୋଟ, ରାଜପୁର, ଗୋଖଣୀ, ଏଣ୍ଡୁଳାପୁର ଗ୍ରାମର ମଠ ମନ୍ଦିରରୁ ଆସୁଥିବା ବିମାନକୁ ପାଛୋଟି ନେଇଥିଲେ। ମେଳଣ ମଣ୍ଡପରେ ବିମାନଗୁଡ଼ିକ ସ୍ଥାପନ ହୋଇଥିଲେ। ମଙ୍ଗଳବାର ରାତ୍ର ୧୦ଟାଠାରୁ ବୁଧବାର ସକାଳ ୭ଟା ପର୍ଯ୍ୟନ୍ତ ବିମାନଗୁଡିକ ମେଳଣ ପଡିଆକୁ ଆସିଥିଲେ। ମେଳଣ ପଡ଼ିଆରେ ବିଗ୍ରହମାନଙ୍କୁ ପୂଜାର୍ଚ୍ଚନା ପରେ ମେଲାଣି ନେଇଥିଲେ। ପରେ ଶ୍ରୀରାଧାକୃଷ୍ଣ ମେଳଣ କମିଟିର ସଭାପତି ବାରିକଙ୍କ ପୌରୋହିତ୍ୟରେ ରଙ୍ଗସଭା ହୋଇଥିଲା। ଏହାକୁ ପଣ୍ଡିତ ଶଙ୍କର୍ଷଣ ମିଶ୍ର ସଂଯୋଜନା କରିଥିଲେ। ରଙ୍ଗସଭାରେ ଚଳିତବର୍ଷ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ରସରାଜ ଉପାଧିରେ ମଣ୍ଡିତ କରାଯିବା ସହ ଉପଢୌକନ ଓ ପୁଷ୍ପମାଲ୍ୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଖପାଖ ଅଞ୍ଚଳର ସଙ୍ଗୀତ ପ୍ରେମୀ ଶ୍ରଦ୍ଧାଳୁ ରାଧାକୃଷ୍ଣଙ୍କ ଲୋକକଥା ଉପରେ ବର୍ଣ୍ଣିତ ସଂଗୀତ, ଭଜନ, ଜଣାଣ ପରିବେଶଣ କରିଥିଲେ। ଏହି ଅବସରରେ ରାଜନଗର ତହସିଲଦାର ଭୂୟାଁ ଦୋଳ କମିଟିର ସ୍ଥାୟୀ ମେଳଣ ପଡ଼ିଆ ନିର୍ମାଣ ପାଇଁ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ସ୍ଥାୟୀ ପଟ୍ଟା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ହୋଲିଖେଳକୁ ନେଇ ମାରପିଟ୍ ବାପ ପୁଅ ଜେଲ୍ ଗଲେ

ନୟାଗଡ଼ ଅଫିସ,୯।୩:ହୋଲି ଖେଳକୁ ନେଇ ଇଟାମାଟି ଥାନାର ବିରୁଡା ଗାଁରେ ମାରପିଟ୍ ଘଟି ଲକ୍ଷ୍ମୀଧର ନାୟକ ଆହତ ହୋଇଛନ୍ତି । ଲକ୍ଷ୍ମୀଧରଙ୍କ ଅଭିଯୋଗ କ୍ରମେ ପୋଲିସ ପରୀକ୍ଷିତ ପ୍ରଧାନ ଓ ପୁଅ ଅଲେଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବାପ ପୁଅଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ବିରୁଡାରେ ଲକ୍ଷ୍ମୀଧରଙ୍କୁ ପରୀକ୍ଷିତ ପ୍ରଧାନ ଓ ତାଙ୍କ ପୁଅ ଗୋଲଖ ଏବଂ ଅଲେଖ ମିଳିତ ଭାବେ ଆକ୍ରମଣ କରିଥିଲେ । ଲକ୍ଷ୍ମୀଧରଙ୍କ ଅଭିଯୋଗ କ୍ରମେ ପୋଲିସ ୫୭/୨୩ରେ ମାମଲା କରି ତଦନ୍ତ କରିଥିଲା । ଗୋଲଖ ଫେରାର ଅଛନ୍ତି ।

### କେଶରପୁର ଜଙ୍ଗଲରେ ନିଆଁ

ନୟାଗଡ଼ ଅଫିସ,୯।୩:ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର କେଶରପୁର ଜଙ୍ଗଲରେ ବୁଧବାର ନିଆଁ ଲାଗିଥିଲା । ଗାଁଲୋକ ନୟାଗଡ଼ ଦମକଳଙ୍କୁ ଫୋନ କରିବା ପରେ ଦମକଳ ଆସି ପାଦଦେଶରୁ ନିଆଁ ଲିଭାଇ ଚାଲିଗଲା । ପରେ ଗାଁ ଲୋକ ଡିଏଫ୍‌ଓଙ୍କୁ ଯୋଗାଯୋଗ କରିଥିଲେ। ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବନକର୍ମଚାରୀ ବୁଧବାର ମୁଣ୍ଡିଆରେ ପହଞ୍ଚି ନିଆଁକୁ ଦେଖି ଚାଲି ଆସିଥିଲେ। ରାତି ତମାମ ମୁଣ୍ଡିଆ ଜଳିଥିଲା। ତେବେ ଗୁରୁବାର ବନବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

### ଜେଲ ଗଲେ ୨ ଯୁବକ

ନୟାଗଡ଼ ଅଫିସ,୯।୩:ନୟାଗଡ଼ ସଦର ଥାନା ପୋଲିସ ବାଇକ୍ ସହ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ୨ଅଭିଯୁକ୍ତଙ୍କଠାରୁ ୨ ପେଟିରେ ଥିବା ୨୩ଲିଟର ୪୦୦ ବିଦେଶୀ ମଦ କ୍ରିଦାଶପୁର ତାରିଣୀ ମନ୍ଦିର ନିଟକରୁ ବୁଧବାର ଜବତ କରାଯାଇଛି । ହୋଲିରେ ମଦ ପିଇବା ପାଇଁ ଏକ ବାଇକ୍(ନଂ.ଓଡି୨୫ ଏମ ୫୩୩୯)ରେ ବାଲୁଗାଁର ଲକ୍ଷ୍ମୀଧର ଦଳବେହେରା(୪୦) ଓ ମନୋରଞ୍ଜନ ସାହୁ(୪୦) ମାଳିସାହୁରୁ ବାଲୁଗାଁ ଯାଉଥିଲେ । ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି ୪୧/୨୩ରେ ମାମଲା ରୁଜୁ କରିଛି ।

### ଗାଡ଼ି ସହ ୮୦ କେଜି ଗଞ୍ଜେଇ ଜବତ

ନୟାଗଡ଼ ଅଫିସ,୯।୩: ବାଣିଗୋଛା ଥାନା ପୋଲିସ କାମୁଟିପୁଙ୍ଗା ହନୁମାନ ମନ୍ଦିର ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଟାଟା ସଫାରୀ ଗାଡ଼ି ସହ ୮୦ କେଜି ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇର ଦାମ ୪ ଲକ୍ଷ ଟଙ୍କା ହେବ । ଓଆର୦୨ବିଇ ୫୭୭୭ନଂ. ବିଶିଷ୍ଟ ଟାଟା ସଫାରୀରେ କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିଲା । ପାଟ୍ରୋଲିଂ ବେଳେ ପୋଲିସକୁ ଦେଖି ୨ଜଣ ବ୍ୟକ୍ତି ଗାଡ଼ି ଛାଡି ପଳାଇ ଯାଇଥିଲେ । ପୋଲିସ ସେହି ଗାଡ଼ିରୁ ଗଞ୍ଜେଇ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୨/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ୧୨୧୦ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ

ଭାପୁର,୯।୩(ଡି.ଏନ.ଏ.)-ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହେବ । ଭାପୁର ବ୍ଲକରେ ୮ ସେଣ୍ଟରରେ ମୋଟ ୧୨୧୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ୮ ସେଣ୍ଟରରୁ ଫତେଗଡସେଣ୍ଟରରେ ୧୭୨ ଛାତ୍ରଛାତ୍ରୀ, ଭାପୁର ସେଣ୍ଟରରେ ୧୧୯ ଜଣ ଛାତ୍ରଛାତ୍ରୀ, ଗୋଲାପୋଖରୀ ସେଣ୍ଟରରେ ୧୪୬ ଜଣ ପରୀକ୍ଷାର୍ଥୀ, ଜାମୁସାହି ସେଣ୍ଟରରେ ୧୧୩ ଜଣ ଛାତ୍ରଛାତ୍ରୀ, କରବର ସେଣ୍ଟରରେ ୨୧୩ଜଣ ପରୀକ୍ଷାର୍ଥୀ, ପଦ୍ମାବତୀରେ ୧୫୨ ଛାତ୍ରଛାତ୍ରୀ, ବାଇଗୁଣିଆ ସେଣ୍ଟରରେ ୧୭୧ଜଣ ପରୀକ୍ଷାର୍ଥୀ ଓ ବଳଦିଆ ନୂଆଗାଁ ସେଣ୍ଟରରେ ୧୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଭାପୁର, ଫତେଗଡ, ଜାମୁସାହି, ପଦ୍ମାବତୀ ଓ କରବର ଏହି ୬ ସେଣ୍ଟରକୁ ଫତେଗଡ ନୋଡାଲ ସ୍କୁଲରୁ ପ୍ରଶ୍ନପତ୍ର ଓ ବାଇଗୁଣିଆ, ବଳଦିଆ ନୂଆଗାଁ ସେଣ୍ଟରକୁ ଖଣ୍ଡପଡା ରାମଚନ୍ଦ୍ର ବିଦ୍ୟାଳୟରୁ ପ୍ରଶ୍ନପତ୍ର ଆସିବ ବୋଲି ସୂଚନା ମିଳିଛି।

# ଅଂଶୁଘାତ ମୃତ୍ୟୁ ରିପୋର୍ଟ ତୁରନ୍ତ ଦେବାକୁ ନିର୍ଦ୍ଦେଶ

**ଛତ୍ରପୁର,୯।୩(ଡି.ଏନ୍.ଏ.)**

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାବାସୀଙ୍କୁ ସତର୍କ ରହିବା ଓ ଅଂଶୁଘାତଜନିତ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ବୈଠକରେ ଜିଲାପାଳ ଅବଗତ କରାଇଥିଲେ ଯେ, ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅତ୍ୟଧିକ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ଏଣୁ ଜିଲାବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରଶାସନ ପକ୍ଷରୁ ସମସ୍ତ ଆଶୁ ପଦକ୍ଷେପ ପୂର୍ବରୁ ଗ୍ରହଣ କରିବାକୁ ହେବ। ଏଥିନିମନ୍ତେ ସମସ୍ତ ଲାଇନ ବିଭାଗ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବାର ଆବଶ୍ୟକତା ରହିଛି। ବର୍ତ୍ତମାନଠାରୁ ଜଳକ୍ଲିଷ୍ଟ ଅଞ୍ଚଳଗୁଡିକ ଚିହ୍ନଟ କରି ଜଳ ଯୋଗାଣର ବ୍ୟବସ୍ଥା, ଚିକିତ୍ସାଳୟ ଗୁଡିକରେ ଅଂଶୁଘାତ ଜନିତ ଚିକିତ୍ସା ସକାଶେ ପ୍ରସ୍ତୁତି ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଅଧିକ ଜଳଛତ୍ର ଖୋଲିବାକୁ ପରାମର୍ଶ ଦେଇଛନ୍ତି। ପ୍ରାଣୀମାନେ ଯେପରି ପିଇବା ପାଇଁ ଜଳ ପାଇବେ ସେଥି ନିମନ୍ତେ ମଧ୍ୟ ବ୍ୟବସ୍ଥା କରିବାକୁ କହିଛନ୍ତି । ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୈଠକରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ସକାଶେ ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇ ସମସ୍ତ ବିଭାଗ ତରଫରୁ ପୂର୍ବ ପ୍ରସ୍ତୁତି କିଭଳି କରାଯାଇଛି ସେ ବିଷୟରେ ଅଧିକାରୀମାନଠାରୁ ବୁଝିଥିଲେ । ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲାରେ ଆରମ୍ଭ ହୋଇଥିବାବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ସମ୍ଭାବନା ରହିଛି । ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର

**ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି**

ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ୍ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ କରି ରଖିବା ସହିତ ଜିଲାର ବିଭିନ୍ନ ସିଏଚ୍‌ସି, ପିଏଚ୍‌ସିରେ ମଧ୍ୟ ଅଂଶୁଘାତ ଜନିତ ଚିକିତ୍ସା କରିବା ନିମନ୍ତେ ଆଗୁଆ ପ୍ରସ୍ତୁତି କରିବାକୁ ଜଣାଇଥିଲେ। ଜିଲାର ସମସ୍ତ ଦର୍ଶନୀୟ ସ୍ଥାନଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବ । ପାଇପ୍ ଜଳ ଯୋଗାଇ ଦିଆଯାଉଛି । ଆବଶ୍ୟକ ସ୍ଥଳେ ଦୁର୍ଗମ ଅଞ୍ଚଳରେ ଥିବା ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ଶ୍ରମିକମାନେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରି ବିଶ୍ରାମ ନେବାକୁ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ସମ୍ପର୍କରେ ଅବଗତ କରିବା ପାଇଁ କୁହାଯାଇଛି । ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟ ଜଳ ସମସ୍ୟା ଯେପରି ଦେଖାନଯାଏ, ବିଦ୍ୟୁତ୍ ଯୋଗାଣରେ ଯେପରି ବାଧା ନ ଉପୁଜିବ ସେ ଦିଗରେ ଆଗୁଆ ପଦକ୍ଷେପ ନେବାକୁ କୁହାଯାଇଛି। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଅଂଶୁଘାତରେ ଯଦି କାହାର ମୃତ୍ୟୁ ଘଟେ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ କିର୍ତ୍ତିଭାସନ ଭି, ସମସ୍ତ ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହ ଲାଇନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ୧୨ ବର୍ଷ ପରେ ଘର ବାହୁଡ଼ା

**ନୟାଗଡ଼ ଅଫିସ/ନୂଆଗାଁ,୯।୩(ଡି.ଏନ.ଏ.)**



୧୨ ବର୍ଷ ପରେ ଘରକୁ ବାହୁଡିଲେ ୧୯ ବର୍ଷର ଯୁବକ ଶାନ୍ତନୁ ଜାନି। ପଣ୍ଡିଚେରୀରେ ଜଣେ ଠିକାଦାରଙ୍କ ପାଖରେ ନିର୍ଯାତିତ ହୋଇ ଅଭିଶପ୍ତ ଜୀବନଯାପନ କରୁଥିଲେ । ବଞ୍ଚିବା ପାଇଁ ଠିକାଦାର କେବଳ ଖାଇବାକୁ ଓ ପିନ୍ଧିବାକୁ ଦେଉଥିଲେ । ତେବେ ଖୋର୍ଦ୍ଧା ଜିଲା ମଳିପଡ଼ାର ଜଣେ ଯୁବକ ଶାନ୍ତନୁଙ୍କ ପାଇଁ ଦେବଦୂତ ପାଲଟିଥିଲେ । ମଳିପଡାର ଯୁବକ ସେହି ଠିକାଦାରଙ୍କ ଶିଳ୍ପରେ କିଛି ବର୍ଷ ପରେ କାମ କରୁଥିଲେ । ଶାନ୍ତନୁଙ୍କ ସହ କଥାବର୍ତ୍ତା ପରେ ଓଡିଆ ବୋଲି ଜାଣି ପାରିଥିଲେ । ଶାନ୍ତନୁର ଦୁଃଖ କାହାଣୀ ଶୁଣିବା ପରେ ଉଭୟ ବନ୍ଧୁ ଖସିବାର ପଥ ଖୋଜିଥିଲେ। ମଳିପଡାର ଯୁବକ ନିଜ ପାଖରେ ୬ମାସ ପଣ୍ଡିଚେରିରେ ରଖି ଶାନ୍ତନୁଙ୍କର ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏପରିକି ଗାଁ ଠିକଣା ନେଟରୁ କାଢ଼ି ଶାନ୍ତନୁ ଜେନାଙ୍କୁ ନୟାଗଡ ଜିଲା ନୂଆଗାଁ ବ୍ଲକ ବହାଡାଖୋଲା ପଞ୍ଚାୟତ କାଳିନ୍ଦା ଗାଁକୁ ପଠାଇଥିଲେ । ନୟାଗଡ଼ରେ ଶାନ୍ତନୁ ପହଞ୍ଚିବା ପରେ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କ୍ରମେ ଜିଲାପାଳଙ୍କ ସହାୟତାରେ ଗାଁକୁ ଫେରିଛନ୍ତି । ଶାନ୍ତନୁଙ୍କ ସୂଚନା ଅନୁସାରେ ତାଙ୍କର ୨ ଭଉଣୀ ଅଛନ୍ତି । ୨ ଭଉଣୀଙ୍କ ବିବାହ ପରେ ବାପା ମା' ମରି ଯାଇଥିଲେ । ୭ ବର୍ଷ ବୟସରେ ଘର ପ୍ରତି ବିତୃଷ୍ଣା ହୋଇ ଶାନ୍ତନୁ ପଣ୍ଡିଚେରୀ ଚାଲି ଯାଇଥିଲେ। ଛୋଟ ପିଲାକୁ ଦେଖି କେହି କାମ ଦେଲେ ନାହିଁ । ଏଭଳି ସମୟରେ ଜଣେ ଠିକାଦାର ଶାନ୍ତନୁର ନାବାଳକ ପରିସ୍ଥିତି ଦେଖି ଫାଇଦା ଉଠାଇଥିଲେ । ତାଙ୍କୁ

- ପଣ୍ଡିଚେରୀରେ ଠିକାଦାର ଦେଉଥିଲେ ନିର୍ଯାତନା
- ଦରମା ନ ଦେଇ କେବଳ ଖାଇବାକୁ ଦେଉଥିଲେ
- ଓଡିଆ ଯୁବକଙ୍କ ସହଯୋଗରେ ଖସି ଆସିଲେ

ପାରିଶ୍ରମିକ ଦେବେ କହି ନିଜ ଶିଳ୍ପରେ ରଖି ଖଟାଇଥିଲେ । ଘରକୁ ଯେପରି ନ ଫେରିବ ସେଥିପାଇଁ ପାରିଶ୍ରମିକ ଦେଉ ନ ଥିଲେ । ଠିକାଦାରଙ୍କ ଶିଳ୍ପରେ ଶାନ୍ତନୁ ଦିନ ରାତି ଖଟୁଥିଲେ । ବାରମ୍ବାର ପ୍ରଚେଷ୍ଟା ସତ୍ତ୍ୱେ ଶାନ୍ତନୁ ଠିକାଦାରଙ୍କ କବଳରୁ ଖସି ପାରି ନଥିଲେ । ଗୁରୁବାର କାଳିନ୍ଦାରେ ପହଞ୍ଚିବା ପରେ ଗାଁ ଲୋକ ଓ ଅଜା ଆଈ ଚିହ୍ନି ପାରି ନ ଥିଲେ । ତେବେ ଶାନ୍ତନୁ ପିଲାଦିନର କଥା ବଖାଣିବା ପରେ ଅଜା ଆଈ ନାତିକୁ ଚିହ୍ନି ଆଦରି ନେଇ ଖୁସି ହୋଇଛନ୍ତି । ଶାନ୍ତନୁଙ୍କ ଘର ବାହୁଡା ପରେ ଗାଁ ଲୋକ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି।

# ଶିଳ୍ପାଞ୍ଚଳ କୁମ୍ଭାରପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୯।୩**

ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥ କୁମ୍ଭାରପଲ୍ଲୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମାଜକୁ ଆହ୍ୱାନ ଦିଆଯାଇଛି। ସିଆରସିସି ଲୋକନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ରଙ୍ଗେଇଲୁଣ୍ଡା ଏବିଇଓ ଜୟସେନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୩୯ନଂ. ୱାର୍ଡ କର୍ପୋରେଟର ସାବିତ୍ରୀ ନାୟକ ସମ୍ମାନିତ ଅତିଥି, ଲାଇଫ ଲାଇନ୍ ଅଧ୍ୟକ୍ଷ ଏଲ. ସୁଦାମ ଦାସ, ସାମାଜିକ



କୁମ୍ଭାରପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ।

କର୍ମୀ ଆର.ରାଜେନ୍ଦ୍ର, ଏ. ରାଜା ରାଓ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ପାଠୀ ପ୍ରାରମ୍ଭରେ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ବିଦ୍ୟାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ଆଶା କର୍ମୀ ରାଜେଶ୍ୱରୀ ସାହୁ, ଅଙ୍ଗନୱାଡ଼ି କର୍ମୀ ସସ୍ମିତା ଲେଙ୍କାଙ୍କ ସମେତ ସୁଜାତା ରେଡ୍ଡୀ ଓ ସୁନିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାମଦୋଳିରୁ ଖସି ଯୁବକ ମୃତ

**ଚିକିଟି,୯।୩(ଡି.ଏନ.ଏ.)**

ଚିକିଟି ବ୍ଲକ କେ.ନୂଆଗାଁ ଥାନା ଅନ୍ତର୍ଗତ ରମ୍ଭା ପଞ୍ଚାୟତ ରମ୍ଭା ଗ୍ରାମରେ ଗତ ୫ଦିନ ଧରି ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଏହି ଅବସରରେ ମୀନା ବଜାର ଚାଲିଥିବା ବେଳେ ବୁଧବାର ରାତିରେ ରାମ ଦୋଳିରୁ ଖସି ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତକ ରମ୍ଭା ପଞ୍ଚାୟତ ବରଡ଼ା ଗ୍ରାମର ଏନ. ତ୍ରିନାଥ(୨୫) । ରାମ ଦୋଳିରେ ବସିଥିବା ବେଳେ ଖସି ପଡି ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ରମ୍ଭା ସୀମାନ୍ତରେ ଥିବା ଇଚ୍ଛାପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିନାଥଙ୍କର ମୃତ୍ୟୁ ଘଟିଛି।

# ଜବତ ଚୋରା କାଠ ସହ ଗାଡି ଉଭାନ

**ନୟାଗଡ଼ ଅଫିସ,୯।୩**

ନୟାଗଡ଼ ବନାଞ୍ଚଳ ଖେଡପଡା ଫରେଷ୍ଟର ମାଳିସାହି ଖେଳ ପଡିଆ ନିକଟରୁ ଗତ ୭ ତାରିଖ ରାତିରେ ଟ୍ରାକ୍ଟର ସହ କାଠ ଜବତ କରିଥିଲା । ତେବେ ଜବତ କାଠ ସହ ଟ୍ରାକ୍ଟର ଉଭାନ ହୋଇଯିବା ନେଇ ନୟାଗଡ଼ ସଦର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ କାଠ ବୋଝେଇ ଟ୍ରାକ୍ଟର ଯାଉଥିବାବେଳେ ଖେଡପଡା ଫରେଷ୍ଟର କର୍ମଚାରୀ ଏହାର ପିଛା କରିଥିଲେ । ବନ କର୍ମଚାରୀଙ୍କୁ ଦେଖି ଚୋରା ଚାଲାଣକାରୀ ଟ୍ରାକ୍ଟର ସହ ଛାଡି ପଳାଇ ଯାଇଥିଲେ । ତେବେ ଟ୍ରାକ୍ଟର ଆଗ ଚକ ଖସି ଯାଇଥିଲା । ବନ ବିଭାଗ ପକ୍ଷରୁ ଟ୍ରାକ୍ଟର ବୋଝେଇ କାଠକୁ ମାଳିସାହି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ଜିମା ଦିଆ ଯାଇଥିଲା । ତେବେ ୮ ତାରିଖରେ ଦେଖିବା ବେଳକୁ ଟ୍ରାକ୍ଟର ନାହିଁ । ଏନେଇ ନାଏବ ସରପଞ୍ଚ ଓ ବନ ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି ।


ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ବାସଭବନରେ ହୋଲି ଖେଳ। (ଫଟୋ: ସ୍ମିତ ରଞ୍ଜନ ମହାଲିକ)

# ହୋଲି ଖେଳକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

**ଦଶପଲ୍ଲା,୯।୩(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବୁଗୁଡ଼ା ଗ୍ରାମରେ ହୋଲି ଖେଳକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ପୋଲିସ ଏକ ଘରୁ ମୃତଦେହ ଜବତ କରିଛି। ମୃତକ ହେଲେ ସରୋଜ ବିଶି (୨୮) । ହୋଲି ଖେଳକୁ ନେଇ ସରୋଜଙ୍କ ସହ ବାଙ୍କତଇଲା ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସରୋଜ ଘରେ ଏକୁଟିଆ ଶୋଇଥିବା ଅବସ୍ଥାରେ ବଙ୍କତାଇଲା ଗ୍ରାମରେ ସେହି ଯୁବକମାନେ ମିଳିତ ଭାବେ ତାଙ୍କୁ ମାଡ ମାରିବା ସହ ଏକ ଟାଙ୍ଗିଆ ପଶାରେ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ମୃତଦେହକୁ ଘରେ ପକାଇ ସେମାନେ ଚାଲି ଯାଇଥିଲେ । ପରିବାର ଲୋକ ଘରେ ଅନୁପସ୍ଥିତ ଥିବାରୁ ଏହି ଘଟଣା ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ଗୁରୁବାର ଘର ଭିତରେ ସରୋଜଙ୍କ ମୃତଦେହ ପଡିଥିବା ଜାଣି ପରିବାର ଲୋକ ପୋଲିସକୁ ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ ଓ ପୋଲିସ ତଦନ୍ତ ଆରମ୍ଭ କରିଛି।

# ମିଶନ ଶକ୍ତି ବଦଳାଇଛି ମହିଳାଙ୍କ ଜୀବନ ଶୈଳୀ

**ବ୍ରହ୍ମପୁର ଅଫିସ,୯।୩**

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଜୁବୁଲି ଟାଉନ ହଲରେ ଆୟୋଜିତ ସମାବେଶରେ ଶହ ଶହ ମହିଳା ଯୋଗ ଦେଇଥିଲେ। ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଡେପୁଟି ମେୟର ବିବେକ ରେଡ଼ି ସମ୍ମାନିତ ଅତିଥି ଥିଲେ। ଭାଷଣ ପ୍ରସଙ୍ଗରେ ମଞ୍ଚାସୀନ ଅତିଥିମାନେ ଏସ୍‌ଏଚ୍‌ଜିଗୁଡିକ କେବଳ ବଡ଼ି, ପାମ୍ପଡ଼, ଆଚାର ତିଆରିରେ ସୀମିତ ନ ରହି ସେମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବାକୁ ସରକାର ବିଭିନ୍ନ ନୂଆ ଯୋଜନା କରିଥିବା ଦର୍ଶାଇଥିଲେ। ପୂର୍ବରୁ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଟାଟାଷ୍ଟିଲ ଫାଉଣ୍ଡେଶନ ବ୍ରହ୍ମପୁର ସିଏସ୍‌ଆର ରକି ମାର୍ଟିନ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ମ୍ୟାନେଜର ସ୍ମିତା ରଥ, ମିଳିତ ଜାତିସଂଘ ବିକାଶୋନ୍ମୁଖୀ ପ୍ରକଳ୍ପ ଭୁବନେଶ୍ୱର ମୁଖ୍ୟ ଆଭା ମିଶ୍ର, ମିଳିତ ଜାତିସଂଘ ପପୁଲେଶନ ଫଣ୍ଡ ପ୍ରକଳ୍ପ ମ୍ୟାନେଜର ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ମହିଳାଙ୍କ ଉନ୍ନତି ନିମନ୍ତେ ସେମାନେ ଶିକ୍ଷିତ ହେବା ସହ ଶୀଘ୍ର ବିବାହ ପ୍ରଥାକୁ ମୂଳରୁ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଫେସର ଡ.କବିତା ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡ.ସସ୍ମିତା ବେହେରା ପରିଚାଳନା କରିଥିଲେ। ଅନ୍ତର୍ଜାତୀୟ ୱିଣ୍ଡ ସର୍ଫିଂ କ୍ରୀଡ଼ାବିତ ମନସ୍ୱିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନିଷ୍ଟ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି) ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଶାସନିକ ମୁଖ୍ୟ ସୟିଦ ସୁଲେମାନ ଅଲିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ନିଷ୍ଟ ଉପାଧ୍ୟକ୍ଷ ଡ. ଏମ୍ ସୁରେଶ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ସୀମାଞ୍ଚଳ ପାଣିଗ୍ରାହୀ ଯୋଗ ଦେଇଥିଲେ। ନିଷ୍ଟ ପ୍ରଶାସନ ମୁଖ୍ୟ କହିଥିଲେ, ଆମମାନଙ୍କ ଜୀବନ ଗଠନରେ ମା'ଙ୍କର ଏକ ପ୍ରମୁଖ ଭୂମିକା ରହିଛି । ଡ. ସୀମାଞ୍ଚଳ ପାଣିଗ୍ରାହୀ ମହିଳାଙ୍କ ସମାଜ ପ୍ରତି ଥିବା ଅବଦାନକୁ କବିତା ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଉପାଧ୍ୟକ୍ଷ ଡ. ଏମ୍.ସୁରେଶ ମହିଳାଙ୍କ ଅବଦାନ ଓ ସମାଜରେ ସେମାନଙ୍କ ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ଡ. ସସ୍ମିତା ପାଢ଼ୀ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନ ଗୁରୁତ୍ୱ ଦିଆଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ଭାଷଣ, ପୋଷ୍ଟର ମେକିଂ ଓ ହାସ୍ୟରସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ରାଜେଶ କୁମାର ଦାଶ, ସ୍ୱାଧୀନ ମିଶ୍ର, ଚାରୁଲତା ପଲାଇ, ଡ. ମଞ୍ଜୁଶ୍ରୀ ମିଶ୍ର ଓ ଡ. ରତିକାନ୍ତ ନାୟକ ବିଚାରକର୍ତ୍ତା ଭାବେ ଯୋଗ ଦେଇଥିଲେ। ଡ. ସସ୍ମିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନୱାଡି କର୍ମୀ

**ନୟାଗଡ଼ ଅଫିସ,୯।୩**

**ସରକାର ପୂରଣ କରୁନାହାନ୍ତି ୮ ଦଫା ଦାବି**

ଅଙ୍ଗନୱାଡି କର୍ମୀ ୮ ଦଫା ଦାବି ନେଇ ଆନ୍ଦୋଳନ କରିଥିଲେ। ତେବେ ସରକାର ସମୟ ନେଇ ସେମାନଙ୍କ ଦାବିକୁ ଅଣଦେଖା କରିଥିବାରୁ ଅଙ୍ଗନୱାଡି କର୍ମୀ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ସରକାରୀ କର୍ମଚାରୀର ମାନ୍ୟତା, ମାନ୍ୟତା ଯେତେଦିନ ପର୍ଯ୍ୟନ୍ତ ଦିଆ ଯାଇନାହିଁ ସେତେଦିନ ପର୍ଯ୍ୟନ୍ତ ମାସକୁ ୧୮ ହଜାର, ସହାୟିକାମାନଙ୍କୁ ୯ ହଜାର , ଇପିଏଫ୍, ଇଏସଆଇସି, ଓ ଗ୍ରାଚ୍ୟୁଇଟିରେ ସାମିଲ କରିବାର ଦାବି ରହିଛି । ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଓ ପେନଶନ ବାବାଦକୁ ୫ ହଜାର ଦିଆଯାଉ। ପୁଣି କାମ କରୁଥିବା ଅବସ୍ଥାରେ ପ୍ରାଣ ହରାଇଲେ ପରିବାର ଜଣଙ୍କୁ ମୃତ୍ୟୁକାଳୀନ ସହାୟିତା ରାଶି ୫ ଲକ୍ଷ ଦେବା ସହ ପରିବାରର ଜଣକୁ ଚାକିରି ଦିଆଯାଉ । ଏପରି ଦାବି ଧରି ନଭେମ୍ବର ୨୧ରୁ ୩୭ ଦିନ ଭୁବନେଶ୍ୱରରେ କାର୍ଯ୍ୟ ଆନ୍ଦୋଳନ ହୋଇଥିଲା। ଦାବି ପୂରଣ ନ ହେବାରୁ ପୁଣି ଚଳିତ ବର୍ଷ ଆନ୍ଦୋଳନ ହେବ ବୋଲି ସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି ।



ବ୍ରହ୍ମପୁରରେ ମହିଳା ଦିବସ ପାଳନ ଉତ୍ସବରେ ମେୟର ଓ ମଞ୍ଚାସୀନ ଅତିଥି ।


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ୱିଣ୍ଡ ସର୍ଫି କ୍ରୀଡ଼ାବିତ୍ ମନସ୍ୱିନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।


ନିଷ୍ଟ ପକ୍ଷରୁ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ।

# ପ୍ଲାଷ୍ଟିକ୍ ଅଲିଭ ରିଡ୍ଲେଙ୍କ ପାଇଁ ବିପଦ ସାଜିଛି

## ପେଣ୍ଠ ବେଳାଭୂମିରେ ମହୋତ୍ସବର ଆବର୍ଜନା କୁଢ଼ କୁଢ଼

କେନ୍ଦ୍ରାପଡା ଅଫିସ, ୯।୩

ରାଜନଗର ବ୍ଲକ ପେଣ୍ଠଠାରେ ସାଗରବେଳା ମହୋତ୍ସବ ଗତ ୩ ତାରିଖରୁ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା । ମହୋତ୍ସବ ସରିଯାଇଥିବା ବେଳେ ଏହି ପର୍ଯ୍ୟଟନ କ୍ଷେତ୍ରରେ ଆବର୍ଜନା କୁଢ଼ କୁଢ଼ ପଡ଼ି ରହିଛି ; ଯାହା ପର୍ଯ୍ୟଟକଙ୍କ ପାଇଁ ବିରକ୍ତି ଆଣୁଥିବା ବେଳେ ବହୁଳ ପରିମାଣରେ ପ୍ଲାଷ୍ଟିକ ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମି ସଫେଇ କରିବାକୁ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରଭାକର ସାମଲ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ, ପରିବେଶବିତ୍ ହେମନ୍ତ କୁମାର ରାଉତ ପ୍ରମୁଖ ବୁଧବାର ଦାବି କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପେଣ୍ଠ ବେଳାଭୂମିର ଗୁରୁତ୍ୱ ରହିଛି । ଏହି ସ୍ଥାନରେ ସମୁଦ୍ରର ତୀବ୍ର ଜୁଆର ଦେଖିବାକୁ ମିଳୁଥିବା ବେଳେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ମନ ଭରି ଉପଭୋଗ କରିଥାନ୍ତି । ଏଠାରେ ମଧ୍ୟ ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ଟ୍ୟୁବୱାଲ ଅଛି । ଏଥିସହ ଭିତରକନିକା ମଧ୍ୟରେ ଏହି ବେଳାଭୂମି ଥିବାରୁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି । ଗୁରୁବାରଠାରୁ ନଳିତାପଟିଆରେ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବ । ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ । ତେବେ ସାଗରବେଳା ମହୋତ୍ସବ ପରେ ଆବର୍ଜନା ଉଠା ଯାଇ ନ ଥିବାରୁ ପର୍ଯ୍ୟଟକଙ୍କ ମନରେ ଏହି ସ୍ଥାନ ପ୍ରତି ନକାରାତ୍ମକ ଭାବ ସୃଷ୍ଟି ହେଉଛି । ଏପରି କି ଅଳିଆରୁ ବାହାରୁଥିବା ଦୁର୍ଗନ୍ଧରେ ୧୦ରୁ ୧୫ ମିନିଟ୍ ରହିବା ସମ୍ଭବ ନୁହେଁ । ଅପରପକ୍ଷରେ ପେଣ୍ଠ ନିକଟସ୍ଥ ଗହୀରମଥା ରେଞ୍ଜ ଅଞ୍ଚଳରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ସାମୂହିକ ଅଣ୍ଡାଦାନ ପାଇଁ ଜମା ହୋଇଛନ୍ତି । ଏହି ପ୍ରଜାତିର କଇଁଛଙ୍କ ପାଇଁ ପ୍ଲାଷ୍ଟିକ ସାମଗ୍ରୀ ଏକ ବିପଦ ବୋଲି ଗବେଷକମାନେ ସତର୍କ କରାଉଛନ୍ତି । ସମୁଦ୍ର ମଧ୍ୟରେ ପଡିଥିବା ପ୍ଲାଷ୍ଟିକ ସାମଗ୍ରୀରେ ସେମାନେ ଖାଦ୍ୟ ପଦାର୍ଥର ବାସ୍ନା ପାଇଥାନ୍ତି । ଏଥିପାଇଁ ଖାଦ୍ୟ ହୋଇ ନ ଥିଲେ ମଧ୍ୟ ଆଗ୍ରହରେ ପ୍ଲାଷ୍ଟିକ ପଦାର୍ଥକୁ ଗିଳି ଦେଇଥାନ୍ତି । ଫଳରେ ସେମାନଙ୍କ ମୃତ୍ୟୁ ହୋଇଥାଏ । ସେହିପରି ଏହି ସ୍ଥାନରେ ଶାବକମାନେ ସମୁଦ୍ରକୁ ଯାଉଥିବା ବେଳେ ବେଳାଭୂମିରେ ପଡ଼ିଥିବା ପ୍ଲାଷ୍ଟିକ ସାମଗ୍ରୀ ସେମାନଙ୍କ ପଥଭ୍ରଷ୍ଟ କରିଥାଏ । ପ୍ଲାଷ୍ଟିକ ବର୍ଜନ ପାଇଁ ୨୦୧୬ରୁ ନିୟମ ହୋଇଥିଲେ ମଧ୍ୟ ମହୋତ୍ସବରେ ଏ ନେଇ କୌଣସି ସଚେତନତା କାର୍ଯ୍ୟକ୍ରମ ହୋଇ ନ ଥିଲା । ସେହିପରି ଆସନ୍ତା ୯ ତାରିଖଠାରୁ ଭିତରକନିକା ମହୋତ୍ସବରେ ଏଥିପ୍ରତି ସତର୍କ ହେବାକୁ ସେମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ସାଗରବେଳା ମହୋତ୍ସବ ପରେ ପେଣ୍ଠରେ ସଫେଇ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଭିତରକନିକା ମହୋତ୍ସବରେ ବର୍ଜ୍ୟବସ୍ତୁ ପରିଚାଳନାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି ।



ସାଗରବେଳା ମହୋତ୍ସବ ପରେ ପେଣ୍ଠ ବେଳାଭୂମିରେ ଆବର୍ଜନା ପଡ଼ିରହିଛି ।



ବୁଧବାର ଦୋଳପୂର୍ଣ୍ଣିମା ଉପଲକ୍ଷେ ଶ୍ରୀବଳଦେବଜୀଉଙ୍କ ଫଗୁ ଲାଗି ।

# ସରପଞ୍ଚଙ୍କ ଦସ୍ତଖତ ଜାଲିଆତି କରି ଟଙ୍କା ଉଠାଣ

■ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଥାନାରେ ମାମଲା
■ ତଦନ୍ତ ପାଇଁ ଜିଲାପାଳଙ୍କ ନିକଟରେ ଦାବି

ଚଣ୍ଡିଖୋଲ,୯।୩(ଡି.ଏନ୍.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକ ମଝିପଡ଼ା ପଞ୍ଚାୟତର ସରପଞ୍ଚଙ୍କ ଦସ୍ତଖତ ଜାଲିଆତି କରି ଏହି ପଞ୍ଚାୟତର ନିର୍ବାହୀ ଅଧିକାରୀ(ପିଇଓ) ଟଙ୍କା ଉଠାଇ ନେଇଛନ୍ତି । ଏନେଇ ସରପଞ୍ଚ ଶୋଭା ବଜ୍ରକବାଟ ପିଇଓ ପ୍ରଶାନ୍ତ ଜେନାଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେବା ସହ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାସହିତ ଗୁରୁବାର ଯାଜପୁର ଜିଲାପାଳଙ୍କୁ ଭେଟି ଏହାର ତଦନ୍ତ ପାଇଁ ନିବେଦନ କରିଛନ୍ତି ।

ପିଇଓ ଜେନା ଗତ ସେପ୍ଟେମ୍ବରରେ ୨ ଲକ୍ଷ ୪୨ ହଜାର ଟଙ୍କା ଜଳ ଯୋଗାଣ ପାଇଁ ପଞ୍ଚାୟତ ଅର୍ଥରୁ ଉଠାଇଥିଲେ । ଟଙ୍କା ଉଠାଇବା ସମୟରେ ସରପଞ୍ଚଙ୍କ ଦସ୍ତଖତର ଆବଶ୍ୟକତା ରହିଥିବାବେଳେ ସେ ତାହାକୁ ଜାଲିଆତି କରିଥିଲେ । ଏ ସମ୍ପର୍କରେ ସରପଞ୍ଚ ଜାଣିବା ପରେ ଗତ ସୋମବାର ଜେନାଙ୍କୁ ଟେଲିଫୋନ ଯୋଗେ ଘଟଣା ସମ୍ପର୍କରେ ପଚାରିଥିଲେ । ଘଟଣାକୁ ଜେନା ସ୍ୱୀକାର କରିବା ସହ ସମସ୍ତ ଅର୍ଥ ପଇଠ କରିଦେବେ ବୋଲି କହିଥିଲେ । ଏହାପରେ ସରପଞ୍ଚ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ଦାଖଲ କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ । ତେବେ ଅଭିଯୋଗ ପରେ ପିଇଓ ଜେନା ପଞ୍ଚାୟତ ଆକାଉଣ୍ଟରେ ୨ଲକ୍ଷ ୪୨ହଜାର ଟଙ୍କା ଜମା କରିଦେଇଥିବା ଜଣାପଡ଼ିଛି ।

ସରକାରୀ ନିୟମ ଅନୁସାରେ ସରପଞ୍ଚ ଓ ପିଇଓଙ୍କ ମିଳିତ ଦସ୍ତଖତ ରହିବା ପରେ ଟଙ୍କା ଉଠାଣ ହେବା କଥା । କିନ୍ତୁ ଏଠାରେ ତାହା କିପରି ସମ୍ଭବ ହେଲା ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହି ଟଙ୍କା ଉଠାଣ ଘଟଣାରେ କେବଳ ନିର୍ବାହୀ ଅଧିକାରୀ ସାମିଲ ନା ବ୍ଲକର ଅନ୍ୟ କର୍ମଚାରୀ ସାମିଲ ତାହା ଏବେ ସନ୍ଦେହରେ । ସରପଞ୍ଚ କହିଛନ୍ତି, ନିର୍ବାଚନକୁ ଏକ ବର୍ଷ ପୁରିଥିଲେ ମଧ୍ୟ ବାରମ୍ବାର ଆବେଦନ ସତ୍ତ୍ୱେ ମୋତେ ବ୍ଲକ ପ୍ରଶାସନ ପକ୍ଷରୁ ଡିଜିଟାଲ ସିଗ୍ନେଚର ପ୍ରଦାନ କରାଯାଉ ନାହିଁ, ଯାହାକୁ ନେଇ ପିଇଓ ଜେନା ଟଙ୍କା ଉଠାଣ କରିଛନ୍ତି । ଅପରପକ୍ଷରେ ଏକ ବର୍ଷ କାର୍ଯ୍ୟକାଳ ସମୟରେ ହୋଇଥିବା ସମସ୍ତ ଆର୍ଥିକ କାରବାରର ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ଏସମ୍ପର୍କରେ ବିଡିଓ ପ୍ରାଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ସରପଞ୍ଚଙ୍କ ଅଭିଯୋଗ ମିଳିଛି । ଘଟଣାର ତଦନ୍ତ ପାଇଁ ଏବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗୁରୁବାର ଏବିଡିଓ ରଞ୍ଜନ କୁମାର ବେହେରା ମଝିପଡ଼ା ଯାଇ ତଦନ୍ତ କରି ଫେରିଛନ୍ତି । ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଘଟଣା ସମ୍ପର୍କରେ ପିଇଓ ଜେନାଙ୍କୁ ପଚାରିବାରେ ସେ ପଞ୍ଚାୟତ ଆକାଉଣ୍ଟରେ ଟଙ୍କା ଜମା କରି ଦେଇଥିବା ସୂଚନା ଦେଇଛନ୍ତି । ତେବେ କେବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାକୁ ଦେଖିବାକୁ ଅପେକ୍ଷା ରହିଛି । ସୂଚନା ଥାଉକି, ପିଇଓ ଜେନା ମଝିପଡ଼ା ସମେତ ଗୋପାଳପୁର ଓ ବରପଦା ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି । ୩ଟି ପଞ୍ଚାୟତର ଦାୟିତ୍ୱରେ ଥିବାବେଳେ ତାଙ୍କ ବିରୋଧରେ ଏହିଭଳି ନ କଳି କାରବାର କରିଥିବା ଅଭିଯୋଗ ଆସି ପହଞ୍ଚିଲାଣି । ଏହି କାର୍ଯ୍ୟରେ ଜଣେ ନିଲମ୍ବିତ ପିଇଓ ତାଙ୍କୁ ସାହାଯ୍ୟ କରିଥିବା ପଞ୍ଚାୟତ ତରଫରୁ ଅଭିଯୋଗ ହୋଇଛି । ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ପୋଖରୀରେ ବୁଡ଼ି ୮ ବର୍ଷ ବାଳକଙ୍କ ମୃତ୍ୟୁ

ଧର୍ମଶାଳା,୯। ୩(ଡି.ଏନ୍.ଡି.):

ପୋଖରୀରେ ବୁଡ଼ି ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗାଁର ଜଣେ ବାଳକଙ୍କ ମୃତ୍ୟୁ ହୋଇଛି । ସେ ହେଉଛନ୍ତି ଲକ୍ଷ୍ମୀଧର ମଲିକ (୮) । ପୂର୍ବାହ୍ନ ୧୧ଟା ସମୟରେ ଗାଁ ପୋଖରୀରେ ଏକୁଟିଆ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ । ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ପୋଖରୀରେ ଖୋଜାଖୋଜି କରି ପାଇ ନ ଥିଲେ । ଅପରାହ୍ନ ୩ଟା ସମୟରେ ମୃତଦେହ ପାଣିରେ ଭାଶୁଥିବା ଦେଖି ଲୋକେ ପରିବାରକୁ ଜଣାଇଥିଲେ । ପରେ ପରିବାର ଲୋକେ ମୃତଦେହ ପାଇଥିଲେ । ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ କରୁଛି ।

# ଓଡ଼ିଆ ବୈଜ୍ଞାନିକଙ୍କୁ ଆନ୍ତର୍ଜାତିକ ପୁରସ୍କାର

ବାଲିକୁଦା,୯।୩(ସ୍ୱ.ପ୍ର.)

ଭାବା ପରମାଣୁ ଗବେଷଣା କେନ୍ଦ୍ର, ମୁମ୍ବାଇରେ କାର୍ଯ୍ୟରତ ଓଡ଼ିଆ ମହିଳା ବୈଜ୍ଞାନିକ ଡ. ଜ୍ୟୋତିର୍ମୟୀ ମହାନ୍ତି ୨୦୨୩ ମସିହାର ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର (ଆଇୟୁପିଏସି ଡିଷ୍ଟିଂଉଇସ୍ ଓମ୍ୟାନ ଇନ୍ କେମେଷ୍ଟ୍ରି ଅର୍ କେମିକାଲ ଇଞ୍ଜିନିୟରିଂ) ପାଇଁ ମନୋନୀତ ହୋଇଛନ୍ତି । ଭାରତର ପ୍ରଥମ ମହିଳାଭାବେ ସେ ଏହି ଶ୍ରେଣୀରେ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଇୟୁପିଏସି(ଇଣ୍ଟରନ୍ୟାଶନାଲ ୟୁନିୟନ ଅଫ୍ ପିଓର ଆଣ୍ଡ ଆପ୍ଲାଏଡ୍ କେମେଷ୍ଟ୍ରି) ପକ୍ଷରୁ ୨୦୧୧ ରୁ ଏହି ପୁରସ୍କାର ପ୍ରତି ଦୁଇ ବର୍ଷରେ ଥରେ ରସାୟନ ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ନିମନ୍ତେ ବିଶ୍ୱର ୧୨ ଜଣ ମହିଳା ବୈଜ୍ଞାନିକଙ୍କୁ ଦିଆଯାଇଥାଏ । ଆସନ୍ତା ଅଗଷ୍ଟରେ ୨୦ରୁ ୨୫ ପର୍ଯ୍ୟନ୍ତ ଆଇୟୁପିଏସି ପକ୍ଷରୁ ନେଦରଲ୍ୟାଣ୍ଡର ଦି ହେଗ୍‌ଠାରେ ହେବାକୁ ୱାର୍ଲ୍ଡ କେମେଷ୍ଟ୍ରି କଂଗ୍ରେସରେ ଜ୍ୟୋତିର୍ମୟୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

ପ୍ରକାଶ ଯୋଗ୍ୟ, ଡ.ଜ୍ୟୋତିର୍ମୟୀ କଟକସ୍ଥିତ ଚାଉଳିଆଗଞ୍ଜ ନିବାସୀ ଶିଶୁରୋଗ ବିଶେଷଜ୍ଞ ଡା. ବୈକୁଣ୍ଠନାଥ ପାତ୍ରଙ୍କ କନ୍ୟା ତଥା ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ତିରିରା ଗ୍ରାମର ବିଷ୍ଣୁଚରଣ ମହାନ୍ତିଙ୍କ ପୁତ୍ରବଧୂ । ସେ ମୁମ୍ବାଇ ନିବାସୀ ଉଦ୍ୟୋଗପତି ଓ ବୈଜ୍ଞାନିକ ଡ. ରଶ୍ମିରଞ୍ଜନ ମହାନ୍ତିଙ୍କ ସ୍ତ୍ରୀ । ୨୦୨୨ରେ ତାଙ୍କୁ ପରମାଣୁ ଉର୍ଜା ବିଭାଗ ତରଫରୁ ହୋମି ଭାବା ବିଜ୍ଞାନ ଓ ପ୍ରଦ୍ୟୋଗିକୀ ପୁରସ୍କାର ଦିଆଯାଇଥିଲା । ଉକ୍ତ ବର୍ଷ ତାଙ୍କୁ ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି, ଲଣ୍ଡନର ଫେଲୋ (ଏଫ୍‌ଆରଏସ୍‌ସି) ଭାବେ ଚୟନ କରାଯାଇଛି । ଦୀର୍ଘ ୨୮ ବର୍ଷର ଗବେଷଣା କାଳ ମଧ୍ୟରେ ଡ. ଜ୍ୟୋତିର୍ମୟୀ ବିବିଧ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି । ଓଡ଼ିଶା ବିଜ୍ଞାନ ଏକାଡେମୀ ତରଫରୁ ୨୦୧୧ରେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଛି । ସେ ଶହେରୁ ଉର୍ଦ୍ଧ୍ୱ ଗବେଷଣା ଜନିତ ନିବନ୍ଧ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।



ବୈଜ୍ଞାନିକ ଡ. ଜ୍ୟୋତିର୍ମୟୀ ମହାନ୍ତି

# ୨ ସାଙ୍ଗ ମୃତ, ଜଣେ ଗୁରୁତର

## ରଙ୍ଗ ଖେଳି ଫେରିବାବେଳେ ଦୁର୍ଘଟଣା

ବିଞ୍ଝାରପୁର/ପ୍ରୀତିପୁର, ୯।୩ (ଡି.ଏନ.ଏ.)

ରଙ୍ଗଖେଳି ଫେରିବାବେଳେ ଦୁର୍ଘଟଣା ଘଟି ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅଧୀନ ଅଳକୁଣ୍ଡ ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଏଭଳି ଘଟଣା ଘଟିଛି ।

ସୂଚନା ମୁତାବକ, ଅଳକୁଣ୍ଡ ଥାନା ପ୍ରୀତିପୁର ଗ୍ରାମର ଅଶୋକ କୁମାର ଦାସଙ୍କ ପୁଅ ଚନ୍ଦନ ଦାସ(୨୭), ଜୟନ୍ତୀ ଦାସଙ୍କ ପୁଅ ଦିବ୍ୟରଞ୍ଜନ ମହାନ୍ତି ଓରଫ୍ କାଜୁଆ (୨୮) ଏବଂ ବିତନା ପଞ୍ଚାୟତ ବରିକୂଳ ଗ୍ରାମର ଉପେନ୍ଦ୍ର ବେହେରାଙ୍କ ପୁଅ ଧନେଶ୍ୱର ବେହେରା(୨୯) ୩ ସାଙ୍ଗ ରଙ୍ଗଖେଳି ଗୋଟିଏ ବାଇକ୍‌ରେ ବିଞ୍ଝାରପୁରରୁ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ଅଳକୁଣ୍ଡ ଥାନା ଅଧୀନସ୍ଥ ବରପଦା ଛକ ନିକଟ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇଥିଲା । ଫଳରେ ଯୁବକମାନେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ । ଗ୍ରାମବାସୀ ଓ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିବାସହ ଅନ୍ୟ ୨ ଗୁରୁତରଙ୍କୁ କଟକ ପଠାଇଥିଲେ । ପରେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଧନେଶ୍ୱରଙ୍କର ମୃତ୍ୟୁ ହୋଇଛି । ଦିବ୍ୟରଞ୍ଜନ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବରୁଆଁ ମେଳଣ ଉଦ୍‌ଯାପିତ



ମେଳନରେ ସାମିଲ ହୋଇଥିବା ବିମାନ ।

ଯାଜପୁର ସଦର,୯।୩(ଡି.ଏନ.ଏ.):

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତର ସର୍ବପୁରାତନ ଐତିହାସିକ ବରୁଆଁ ମେଳଣ ସୋମବାର ରାତିରେ ଆରମ୍ଭ ହୋଇ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ମେଳଣ କମିଟି ଉପସଭାପତି ଚୌଧୁରୀ ସତ୍ୟ ସୁନ୍ଦର ମହାପାତ୍ରଙ୍କ ସମେତ ପରିଚାଳନା କମିଟି ସଭ୍ୟ ସର୍ବଶ୍ରୀ କୁଞ୍ଜ ବିହାରୀ ରାୟ, ରମେଶ ଚନ୍ଦ୍ର ମିଶ୍ର, ସୁକାନ୍ତ ବିଶ୍ୱାଳ, ବ୍ରଜକିଶୋର ପାଢ଼ୀ, ଅଶୋକ ମହାନ୍ତି, ପ୍ରଫୁଲ୍ଲ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଗଦାଧର ଦାସ, ନନ୍ଦକିଶୋର ସାହୁ, ସୂର୍ଯ୍ୟନାରାୟଣ ମିଶ୍ର, ଭରତ ବନ୍ଧୁ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଦେବେନ୍ଦ୍ର ମିଶ୍ର ଓ ସୁକାନ୍ତ ବିଶ୍ୱାଳଙ୍କ ସହ ସମସ୍ତ ଠାକୁର ବାଡିଆଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ମେଳଣକୁ ସୁପରିଚାଳନା କରିଥିଲେ ।

ପାରମ୍ପରିକ ପ୍ରଥାନୁଯାୟୀ ଠାକୁରମାନେ ମଣି ବିମାନରେ ପଡିଆକୁ ଆସି ନିଜ ନିଜର ପାଟ ପଟୁଆର ସହ ବାଜା ବାଣ, ରୋସଣି, କୀର୍ତ୍ତନ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମଣ୍ଡପରେ ବିଜେ କରିଥିଲେ । ଚଳିତ ବର୍ଷ ଥାନପତି ବରୁଆଁର ରାଧା ଗୋପୀନାଥ ଜୀଉ, ପୁରୁଷୋତ୍ତମ ପୁରର ରାଧା ଗୋପାଳଜୀଉ, ସୁଜନପୁରର ରାଧା ଗୋପୀନାଥ ଓ ରାଧାବୃନ୍ଦାବନ ଚନ୍ଦ୍ର, କାଶୀପୁରର ରାଧା ଗୋପୀନାଥ, ହସନପୁରର ରାଧା ରଘୁନାଥ, ରାଧା ଗୋପାଳ, ରାଧା ଗୋବିନ୍ଦ ଗୋପାଳ, ରାଧା ଦଧିବାମନ, ନୋଉପଡାର ରାଧାଲକ୍ଷ୍ମୀ ନାରାୟଣ, ଦାସ ସାହି ନରସିଂହପୁରର ରାଧା ଅନନ୍ତ ଦେବ, ଜଗନ୍ନାଥ ମଠ ହରିପୁରର ରାଧା ଗୋବିନ୍ଦ ଚନ୍ଦ୍ର, ବାଲିଆର ରାଧାମୋହନ, କଚେରିଗାଁ ରାଧା ମଦନ ମୋହନ, କଚେରିଗାଁର ରାଧାମୋହନ ଓ ରାଧା ଗୋପାଳ, ଦେବିଲିର ରାଧାକାନ୍ତ, ରାଧାନାଥ ଓ ରଧାଗୋବିନ୍ଦ, ଶିମିଳିଆର ରାଧା ବୃନ୍ଦାବନ ବାସି ଶ୍ୟାମସୁନ୍ଦରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଠାକୁର ପୂର୍ବ ପ୍ରସ୍ତୁତ ମଣ୍ଡପରେ ବିଜେ କରିଥିଲେ ।

ପରିଚାଳନା କମିଟି ପକ୍ଷରୁ ଠାକୁରମାନଙ୍କୁ ମାଲସା କୁଡୁଆରେ ଭୋଗ ଲାଗି କରାଯାଇ ଆଗାମୀ ବର୍ଷ ପାଇଁ ନିମନ୍ତ୍ରଣ କରାଯାଇଥିଲା । ଜିଲା ଓ ଜିଲା ବାହାରରୁ ହଜାର ହଜାର ଶ୍ରଦ୍ଧାଳୁ, ସାଧୁ ସନ୍ଥଙ୍କ ସମାବେଶ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ସଦର ପୋଲିସ ଅଧିକାରୀ ମାନସ ରଞ୍ଜନଚକ୍ରଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସ୍ଥାନୀୟ ଡାକ୍ତରଖାନା ଓ ଅଗ୍ନିଶମ ବାହିନୀର କର୍ମଚାରୀ ଉପସ୍ଥିତ ଥିବାବେଳେ ବିଭିନ୍ନ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସହଯୋଗ କରାଯାଇଥିଲା ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାର୍ତ୍ତିକ



@ ଆଦିତ୍ୟ



@ କ୍ଷିତି ପ୍ରକାଶ



@ ରୋଜାଲିନ



@ କୁନାଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦ କେଜି ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ

ପାଣିକୋଇଲି,୯।୩(ଡି.ଏନ.ଏ.):

ପାଣିକୋଇଲି ପୋଲିସ ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରିଛି । ଗିରଫ ଦୁଇ ବ୍ୟକ୍ତି ହେଲେ ବୌଦ୍ଧ ଜିଲା ଯୋଗୀ ଭୋଗ୍ରା ଗ୍ରାମର ଭୋଳାନାଥ ବେହେରା(୩୮) ଓ ଯାଜପୁର ଜିଲା ସାନସୁଆର ବାଇଭୂୟାଁ ଗ୍ରାମର ଛବିଳ କୁମାର ନାଥ (୫୫) । ଏକ ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରୀ ଚିନ୍ମୟୀ ବେହେରା ଏହି ବେପାରୀଙ୍କୁ ଧରିବା ନିମନ୍ତେ ଯୋଜନା କରିଥିଲେ । ଗଞ୍ଜେଇ ନେଇ ଦୁଇ ଜଣ ପାଣିକୋଇଲିରୁ ସଠିପୁର ବାଟରେ ଏକ ବନ୍ଦ ହୋଟେଲ ନିକଟରେ ରଖିଥିଲେ । ସେମାନେ ପୋଲିସକୁ ଦେଖି ହୋଟେଲ ପଛପଟ ଏକ ଘରେ ଲୁଚି ଯାଇଥିଲେ । ହେଲେ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଏନେଇ ଥାନାରେ ଏକ ମାମଲା ନଂ.୪୬/୨୩ ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।



# ୫ ଦିନରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ

ନୟାଗଡ଼ ଅଫିସ,୯।୩

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଏବଂ ଅଣସଙ୍ଗଠିତ ଶ୍ରମିକଙ୍କୁ ସାମାଜିକ କଲ୍ୟାଣ ଯୋଜନାରେ ସହାୟତା ଯୋଗାଇ ଦେବା ପାଇଁ ସହାୟତା ପ୍ରଦାନ ଶିବିର ନୟାଗଡ଼ ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ମୁଖ୍ୟବକ୍ତା ରୂପେ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ମୁକ୍ତ ଯୋଜନା ଉପଦେଷ୍ଟା ଈପ୍‌ସିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୯୯ ହିତାଧିକାରୀଙ୍କୁ ୧ କୋଟି ୬୯ ଲକ୍ଷ ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଛି । ପ୍ରଭାଗୀୟ ଶ୍ରମଆୟୁକ୍ତଙ୍କ କାର୍ଯ୍ୟାଳୟ ଭଡ଼ାଘରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହେଉ ନ ଥିବାରୁ ଜିଲା ପରିଷଦ ସଭାପତି ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । ୫ଦିନ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଜିଲାପାଳଙ୍କ ଅଫିସକୁ ସ୍ଥାନାନ୍ତର ହେବାକୁ ନୟାଗଡ଼ ବିଧାୟକ ଓ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମାସରେ ୨ ଦିନ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଫିସକୁ ଆସୁଥିବାବେଳେ ଅନ୍ୟ କାର୍ଯ୍ୟଦିବସ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରତିମାସରେ ଥରେ ଶ୍ରମ କାର୍ଯ୍ୟାଳୟରେ କ'ଣ କାମ ହେଉଛି ତା'ର ସମୀକ୍ଷା ଜିଲାପାଳ କରିବାକୁ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି।



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

- ଜିଲା ପରିଷଦ ସଭାପତିଙ୍କ କ୍ଷୋଭ
- ମାସକରେ ୨ ଦିନ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଆସୁଥିବାରୁ ଉଦ୍‌ବେଗ
- ତାଗିଦା କଲେ ନୟାଗଡ଼ ବିଧାୟକ, ଜିଲାପାଳ
- ପ୍ରତି ମାସରେ ସମୀକ୍ଷା କରିବାକୁ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷାଙ୍କ ନିର୍ଦ୍ଦେଶ
- ୧୯୯ ହିତାଧିକାରୀଙ୍କୁ ୧.୬୯ କୋଟି ଟଙ୍କାର ସହାୟତା ବଣ୍ଟନ

ଜିଲାର ୧୯୯ ହିତାଧିକାରୀଙ୍କୁ ୧.୬୯ କୋଟି ଟଙ୍କାର ସହାୟତା ବଣ୍ଟନ କରାଯାଇଛି । ୬୯ ଜଣ ହିତାଧିକାରୀ ୧କୋଟି ୩୩ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି, ୬୩ ଜଣଙ୍କୁ ୩ ଲକ୍ଷ ୧୫ ହଜାର ଟଙ୍କା ଅନ୍ତିମ ସଂସ୍କାର ସହାୟତା, ୬୦ ଜଣଙ୍କୁ ୨୬ ଲକ୍ଷ ୭୫ ହଜାର ବିବାହ ସହାୟତା, ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ପ୍ରସୂତି ସହାୟତା, ୬ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କୁ ୬ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି । ପୁଣି ୧୦ ନିର୍ମାଣ ଶ୍ରମିକ ଓ ୧୦୦ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ରୋଡ୍‌ରେ ଭଡ଼ାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଚାଲୁ ରହିଛି । ଏହାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଅତିରିକ୍ତ ଜିଲାପାଳ ଓ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ହେଲେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଥିଲା। ସେହିପରି ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାସକରେ ଦିନେ କିମ୍ବା ଦୁଇ ଦିନ ଆସି ଅନ୍ୟ କାର୍ଯ୍ୟ ଦିବସରେ ଅନୁପସ୍ଥିତ ରହୁଛନ୍ତି। ୫୦୦ରୁ ୩ ହଜାର ଲାଞ୍ଚ ଦେଲେ ନିର୍ମାଣ ଶ୍ରମିକଙ୍କ କାର୍ଡ ମିଳିବା, ଅଣ ସଙ୍ଗଠିତ ଶ୍ରମିକଙ୍କ ଆବେଦନ ଗ୍ରହଣ ନ କରିବା ଉପରେ ମଞ୍ଚାସୀନ ଅତିଥିଙ୍କୁ ଗଣମାଧ୍ୟମର ପ୍ରତିନିଧି ଅଭିଯୋଗ କରିଥିଲେ । ଗଣମାଧ୍ୟମର ଅଭିଯୋଗ ପାଇବା ପରେ ବିଧାୟକ ଓ ଜିଲାପାଳ ଏହାକୁ ନେଇ ଆଲୋଚନା କରୁଥିବାବେଳେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଗଣମାଧ୍ୟମକୁ ନାଲି ଆଖି ଦେଖାଇ ହଟହଟା ହୋଇଥିଲେ । ଏନେଇ ନୟାଗଡ଼ ବିଧାୟକ ଅରୁଣ ସାହୁ କୁହନ୍ତି, ଆସନ୍ତା ୫ଦିନ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ। ଏଥିପାଇଁ ଜିଲାପାଳ ଓ ମୁଁ ନିର୍ଦ୍ଦେଶ ଦେଇସାରିଛୁ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ଠିକ୍‌ରେ ଅଫିସକୁ ଆସିବେ । ସରକାର ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ ଅନେକ ଯୋଜନା କରିଥିଲେ ହେଁ ନୟାଗଡ଼ରେ ଏହାର ସୁଫଳ ମିଳି ନ ଥିଲା । ଏବେଠାରୁ ଏହା ଠିକ୍‌ରେ କାମ କରିବ। ସରକାରୀ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପାଇଁ ଯେଉଁମାନେ ବାଧକ ସାଜିବେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ନିର୍ମାଣ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକଙ୍କ ପରି ବିଭିନ୍ନ ବର୍ଗର ଶ୍ରମିକଙ୍କୁ ସହାୟତା ପ୍ରଦାନ କରିବା ଯୋଗୁ ସେମାନଙ୍କ ଜୀବନର ମାନବୃଦ୍ଧି ଘଟୁଛି । ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସବୁଠାରୁ ଲୋକପ୍ରିୟ ଯୋଜନା ଦର୍ଶାଇ ବିଧାୟକ ସାହୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

# ୧୪ ମେଳ ଠାକୁରଙ୍କ ମେଳଣ


ଚାଚେରୀ ଭୋଗ ପାଇଁ ଠାକୁରଙ୍କୁ ବିମାନରେ ନିଆଯାଉଛି ।

## ଗୋଡ଼ିପଡ଼ାରେ ଦୋଳପୂର୍ଣ୍ଣିମା ଯାତ୍ରା

ନୟାଗଡ଼ ଅଫିସ,୯।୩

ନୟାଗଡ଼ ଜିଲାର ଗୋଡିପଡ଼ା ଲଡୁକେଶ ମହେଶଙ୍କ ପୀଠରେ ଦୋଳପୂର୍ଣ୍ଣିମା ଯାତ୍ରା ଚାଲିଛି। ଗୋଡିପଡ଼ା ଲଡୁକେଶ ମହେଶଙ୍କ ନେତୃତ୍ୱରେ ୧୪ ବିମାନରେ ଠାକୁରଙ୍କ ମେଳଣ ହୋଇଥିଲା । ଦୋପୂର୍ଣ୍ଣିମା ରାତିରେ ୧୪ ଠାକୁର ଦୋଳ ବେଦୀରେ ଏକାଠି ହୋଇଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ହୋଲିର ଅପରାହ୍ନରେ ୧୪ ଠାକୁରଙ୍କୁ ଧରି ଲଡୁକେଶ ମହେଶ ଗୋଡିପଡ଼ର ସାତ ସାହି ପରିକ୍ରମା କରି ଭୋଗ ଖାଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏଥିରେ ବିଭନ୍ନ ନୃତ୍ୟ ସ୍ଥାନ ପାଇଥିଲା । ଗୋଡିପଡ଼ାରେ କାହିଁ କେଉଁ କାଳରୁ ଦୋଳପୂର୍ଣ୍ଣିମା ଯାତ୍ରା ପାଳିତ ହୋଇ ଆସୁଥିଲା । ୩୦ରୁ ଊର୍ଦ୍ଧ୍ୱ ଠାକୁରଙ୍କ ମେଳଣ ହୋଇଥାଏ । ତେବେ ଧୀରେ ଧୀରେ ଶମ୍ଭୁଙ୍କ ସଂଖ୍ୟା ହ୍ରାସ ପାଇଲା। ଗତ ବର୍ଷ ୫ ଠାକୁର ମେଳଣରେ ସାମିଲ ହୋଇଥିଲେ । ତେବେ ଚଳିତ ବର୍ଷ ବିମାନଙ୍କ ସଖ୍ୟା ବଢ଼ିଛି । ଯାତ୍ରା ମଧ ଅଧିକ ଲୋକପ୍ରିୟ ହୋଇଛି । ଦିନ ତମାମ ୪ଦିନ ଧରି ସାଂସ୍କୃତିକ ଆସର ଲାଗି ରହୁଛି । ଦୋଳପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହେବ । ଏହାକୁ ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ହରିହର ସାହୁଙ୍କ ସମେତ ଗୋଡିପଡ଼ା ଗ୍ରାମବାସୀ ପରିଚାଳନା କରିଥିଲେ । ଅନ୍ୟପକ୍ଷେ ବଡ଼ପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡ଼ାଖୋଲାର ଫୁଲେଶ୍ୱର, ଯଦୁପୁରର ସିଙ୍ଘେଶ୍ୱର, ରାବେରାର ମଧୁକେଶ୍ୱର , କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗତେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠ ହେଉଛି ଜିଲାର ୧୨ ଶମ୍ଭୁଙ୍କ ପୀଠ । ଦୋଳପୂର୍ଣ୍ଣିମା ଓ ହୋଲି ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ୧୨ ଶମ୍ଭୁଙ୍କ ପୀଠ ଓ ଜିଲାର ଅନ୍ୟାନ୍ୟ ୩୫୬ ଶିବ ମନ୍ଦିର ରହିଛି । ପ୍ରତିଟି ଶୈବପୀଠରେ ଗହଳି ଲାଗି ରହିଥିଲା ।

# ୭୪ସେଣ୍ଟରରେ ୧୨ ହଜାର ୪୮୨ ପରୀକ୍ଷାର୍ଥୀ

## ପ୍ରତି ଛାତ୍ରୀଛାତ୍ରଙ୍କୁ ସିକ୍ୟୁରିଟି ଯାଞ୍ଚ ହେବ

ନୟାଗଡ଼ ଅଫିସ,୯।୩

ସାରା ରାଜ୍ୟରେ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ନୟାଗଡ଼ ଜିଲାର ୨୩୧ ହାଇସ୍କୁଲର ୧୨ ହଜାର ୪୮୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଏଥିରୁ ଓଡ଼ଗାଁ ବ୍ଲକର ୧୨, ରଣପୁର ବ୍ଲକର ୧୨, ନୂଆଗାଁ ବ୍ଲକର ୬, ଦଶପଲ୍ଲା ବ୍ଲକର ୧୦, ଭାପୁର ବ୍ଲକର ୮, ନୟାଗଡ଼ ବ୍ଲକର ୧୪, ଗଣିଆ ବ୍ଲକର ୩, ଖଣ୍ଡପଡା ବ୍ଲକର ୯ ଏପରି ମୋଟରେ ୭୪ ସେଣ୍ଟରରେ ପରୀକ୍ଷା ହେବ । ପତ୍ର ମାଧମ ଶିକ୍ଷାରେ ଏନଏସି ହାଇସ୍କୁଲରେ ଗୋଟିଏ ସେଣ୍ଟରରେ କେବଳ ୧୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ତେବେ ମାଟ୍ରିକ ପରୀକ୍ଷା ପାଇଁ ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ଦଶପଲ୍ଲା ହାଇସ୍କୁଲ, ରଘୁନାଥ ବିଦ୍ୟାପୀଠ ଓଡ଼ଗାଁ, ବିସି ହାଇସ୍କୁଲ ରଣପୁର, ଆରସି ହାଇସ୍କୁଲ ଖଣ୍ଡପଡ଼ା, ଫତେଗଡ଼ ହାଇସ୍କୁଲରେ ୬ଟି କୋଶ୍ଚିନ ହବ୍ କରାଯାଇଛି । ଜିଲା ଶିକ୍ଷା ଅଧିକାରୀଙ୍କ ୨ଟି ସ୍କ୍ୱାର୍ଡ ଓ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ବିଭିନ୍ନ ସେଣ୍ଟର ଯାଞ୍ଚ କରିବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଏନେଇ ଜିଲାପାଳ ରବୀନ୍ଦ୍ରନାଥ ସାହୁ କୁହନ୍ତି, ମାଟ୍ରିକ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । କୋଶ୍ଚିନ ପହଞ୍ଚିବା ପରେ ୬ କୋଶ୍ଚିନ ହବ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ତଥା ପୋଲିସ ହେପାଜତରେ ରଖାଯାଇଛି। କୋଶ୍ଚିନ ହବ୍‌ରୁ ଶୁକ୍ରବାର ଭୋର ସାଢ଼େ ୫ଟାରୁ ପ୍ରଶ୍ନପତ୍ର ପଠାଯିବ । ସ୍କୁଲ ପଏଣ୍ଟ ସେଣ୍ଟରରେ ପୂର୍ବାହ୍ନ ୭ଟାରୁ ସାଢ଼େ ୭ଟା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବ । ପୂର୍ବାହ୍ନ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ହେବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନାନା ବ୍ୟବସ୍ଥା ପରେ ବି ବିଡିଓ, ତହସିଲଦାର, ମ୍ୟୁନିସିପାଲିଟି ଓ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସେଣ୍ଟରଗୁଡିକ ଦାୟିତ୍ୱ ଅର୍ପଣ କରାଯାଇଛି । ପ୍ରଶାସନ ତରଫରୁ ଫ୍ଲାଇଂ ସ୍କ୍ୱାର୍ଡ, ପୋଲିସ ତରଫରୁ ମୋବାଇଲ ଟିମ୍ ବ୍ୟବସ୍ଥା କରାଯାଇଛି । ତେବେ ପରୀକ୍ଷାରେ ଏଣ୍ଟ୍ରି ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ସିକ୍ୟୁରିଟି ଚେକ୍ କରାଯିବା ସହ ଆଡମିଡ୍ କାର୍ଡ ଦେଖାଇ ଛାତ୍ରୀଛାତ୍ର ସେଣ୍ଟରକୁ ଯିବେ ବୋଲି ଜିଲାପାଳ କହିଛନ୍ତି ।

# ବାଇକ୍ ସହ ୧୮କେଜି ଗଞ୍ଜେଇ ଜବତ

## ଅଭିଯୁକ୍ତ କୋର୍ଟ ଚାଲାଣ

ଶରଣକୁଳ,୯।୩(ଡି.ଏନ.ଏ.)

ଶରଣକୁଳ ଥାନା ପୋଲିସ ଏକ ବାଇକ୍ ସହ ୧୮କେଜି ୫୫୦ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ବଡ଼ଗୋରଡ଼ା ଗ୍ରାମର ଶରତ ପରିଡ଼ାଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ଏ ନେଇ ଏକ ମାମଲା(ନଂ.୪୦/୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କୁ କୌଣସି ସୂତ୍ରରୁ ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଥିଲା । ଆଇଆଇସି ଏ ସଂକ୍ରାନ୍ତରେ ଓଡ଼ଗାଁର ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକଙ୍କ ସହ ଯୋଗାଯୋଗ କରି ବଡ଼ଗୋରଡା ଗ୍ରାମରେ ଚଢଉ କରିଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଶରତ ପରିଡା ବାଇକ୍‌ରେ ୧୮କେଜି ୫୫୦ଗ୍ରାମ ଗଞ୍ଜେଇ ନେଇ ନିଜ ଘର ପାଖରେ ପହଞ୍ଚିଥିଲେ । ମାଜିଷ୍ଟ୍ରେଟ୍ ନାୟକଙ୍କ ଉପସ୍ଥିତିରେ ଶରତଙ୍କୁ ପୋଲିସ କାବୁ କରିବା ସହ ଉକ୍ତ ଗଞ୍ଜେଇ ସହ ବ୍ୟବହୃତ ବାଇକ୍ ଜବତ କରିଛି ।

# ବିଦେଶୀ ମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ପାଣ୍ଡୁସାହୁପାଟଣା ଗ୍ରାମରେ ପୋଲିସ ଚଢାଉ କରି ଚୋରାରେ ବିକ୍ରି ହେବାକୁ ରଖାଯାଇଥିବା ବିଦେଶୀ ମଦ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ପତିତପାବନ ସାହୁଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ବହୁ ବର୍ଷ ଧରି ପତିତପାବନ ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବା ପୋଲିସ ସୂଚନା ଦେଇଛି । ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ବାର୍‌ହା ମାଂସ ଜବତ, ଶିକାରୀ ଫେରାର

ନୂଆଗାଁ,୯।୩(ଡି.ଏନ.ଏ.)


ବନ ବିଭାଗ ଦ୍ୱାରା ଜବତ ମାଂସ ।

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ବାହାଡ଼ାଖୋଲା ନିକଟରୁ ମଙ୍ଗଳବାର ରାତିରେ ବନ କର୍ମଚାରୀମାନେ ବାର୍‌ହା ମାଂସ ଜବତ କରିଛନ୍ତି। ହେଲେ ମାଂସ ନେଇ ଯାଉଥିବା ବେପାରୀ ଫେରାର ହୋଇଯାଇଛନ୍ତି। ହୋଲି ପାଇଁ ବନ୍ୟଜନ୍ତୁ ମାଂସ ବାହାଡ଼ାଖୋଲା ଅଞ୍ଚଳକୁ ଆସିବା ଜାଣିପାରି ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା । ବିଳମ୍ବିତ ରାତିରେ ବନ୍ଧାମୁହଁ ପଟୁ ଏକ ଗାଡ଼ିରେ ଗୋଟିଏ ବସ୍ତାରେ ବାର୍‌ହା ମାଂସ ବନ୍ଧା ହୋଇ ବାହାଡ଼ାଖୋଲା ଅଭିମୁଖେ ଯାଉଥିଲା। ବନ କର୍ମଚାରୀମାନେ ଉକ୍ତ ବାଇକ୍‌କୁ ଅଟକାଇ ଥିଲେ । ହେଲେ ବେପାରୀ ଜଣକ ଦ୍ରୁତଗତିରେ ଗାଡ଼ି ଚଳାଇ ଚାଲି ଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବନ ବିଭାଗ କର୍ମଚାରୀମାନେ ତାଙ୍କ ପିଛା କରିଥିଲେ । ଏହା ଦେଖି ସମ୍ପୃକ୍ତ ବ୍ୟକ୍ତି ମାଂସ ଥିବା ବସ୍ତାକୁ ହାଟ ପୋଖରୀ ଗଳି ରାସ୍ତାରେ ଫୋପାଡି ଦେଇ ଫେରାର ହୋଇଯାଇଥିଲେ । ବାହାଡାଖୋଲା ଫରେଷ୍ଟର ସନାତନ ସ୍ୱାଇଁ ଓ ସମସ୍ତ ବନ କର୍ମଚାରୀଙ୍କ ଉପସ୍ଥିତିରେ ଜବତ ମାଂସରୁ କିଛି ପରୀକ୍ଷା ପାଇଁ ପଠାଯାଇଛି। ଅବଶିଷ୍ଟ ମାଂସକୁ ପୋତି ଦିଆଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ଦୋଳପୂର୍ଣ୍ଣମୀ,ହୋଲି ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର.)

ଦୋଳପୂର୍ଣ୍ଣମୀ ଓ ହୋଲି ପାଇଁ ଖଣ୍ଡପଡ଼ା ଓ ତା'ର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା । ବିଭିନ୍ନ ଗ୍ରାମରେ ରାଧାକୃଷ୍ଣ ବିଗ୍ରହଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା । ପ୍ରତି ଘରର ଦୁଆରମୁହଁରେ ଠାକୁରଙ୍କୁ ନୂଆ ଆମ୍ବ, ଚଣା ଓ ଭୋଗ ଲାଗି କରାଯାଇଥିଲା । ଏହି ଅବସରରେ ଫଗୁ ଖେଳ ସହ ଗୋପାଳ ସମାଜ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା । ବୁଧବାର ନାନା ରଙ୍ଗର ଅବିର ଖେଳରେ ସମସ୍ତ ମାତିଥିଲେ । ବିଭିନ୍ନ ସ୍ଥାନରେ ଭୋଜିଭାତର ଆୟୋଜନ କରାଯାଇଥିଲା ।

ମଙ୍ଗଳବାର ଦୋଳପୂର୍ଣ୍ଣମୀ ଅବସରରେ ଶ୍ରୀନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳମଣ୍ଡପକୁ ଠାକୁରଙ୍କ ସକାଳ ରୀତିନୀତି ସମ୍ପନ୍ନ ପରେ ଅପରାହ୍ନରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇଥିଲା । ପୂଜକ ସମାଜ ପକ୍ଷରୁ ଅନନ୍ତମୁଖୀ ଯଜ୍ଞପରେ ଗ୍ରାମବାସୀ ଆଣିଥିବା ଚଣା, ଖଜା, ଆମ୍ବ ସହ ଫଳପୁଷ୍ପ ଓ ଅବିର ଠାକୁରଙ୍କୁ ଲାଗି କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଚଳିତ ବର୍ଷର ନୂତନ ପଞ୍ଜିକା ପୂଜା ହୋଇଥିଲା। ଶ୍ରୀଜୀଉଙ୍କ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣୀ ୨୦୨୩-୨୪ର ପଞ୍ଜିକା ପଠନ କରି ଶୁଭାଶୁଭ ଫଳ ଏବଂ ପର୍ବପର୍ବାଣି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।


ଦୋଳ ପୂର୍ଣ୍ଣିମା ଅବସରରେ ଖଣ୍ଡପଡ଼ାରେ ନିର୍ମିତ ହୋଇଥିବା ରାଧାକୃଷ୍ଣଙ୍କ ମେଢ ।


ନୂଆପାଞ୍ଜିକୁ ପୂଜାର୍ଚ୍ଚନା କରାଯାଉଛି ।

ଜଗନ୍ନାଥପ୍ରସାଦ ପଞ୍ଚାୟତ କୁଆହରା ଗ୍ରାମସ୍ଥିତ କପିଳେଶ୍ୱର ଦେବଙ୍କ ଦୋଳ ପର୍ବ ପାଳିତ ପାଳିତ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣମୀ ରାତି ଏବଂ ବୁଧବାର ହୋଲିରେ ଠାକୁରଙ୍କ ଚଳନ୍ତୀ ପ୍ରତିମା ମଦନମୋହନଜୀଉଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଛତ୍ରୀ, ମହୁରୀ, ଘଣ୍ଟ, ଖୋଳତାଳ ସହ ପାଟପଟୁଆରରେ କୁଆହରା, ମହୁଲପଡା, ଗୋପାଳପୁର, କଞ୍ଚନଡିପି ଓ ଦରଦା ଗ୍ରାମ ପରିକ୍ରମା କରାଯାଇଥିଲା। ବିଜେ ସମୟରେ ଗ୍ରାମବାସୀ ଚଣା, ଖଜା, ଆମ୍ବ, ମୁଆଁ, ଫଳ ଆଦି ଭୋଗ ଲଗାଇ ଚାଚେରୀ ଖୁଆଇଥିଲେ । ପରେ ଠାକୁରଙ୍କ ତରଫରୁ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା ।

କଣ୍ଟିଲୋ ନିକଟସ୍ଥ ପଥରଚକଡା, ଭୋଗଡା, ରାଣିଛେଲି ଓ ଗୋହିରିଆପଡା ଆଦି ଅଞ୍ଚଳରେ ଗୋପାଳ ସମାଜ ପକ୍ଷରୁ ଦୋଳ ଉତ୍ସବ ପାଳିତ ହୋଇଥିଲା । ଗୋପାଳ ସମାଜ ପକ୍ଷରୁ ପାଳିତ ହୋଇ ଆସୁଥିବା ବନ୍ଦାଣ ଉତ୍ସବକୁ ସମାଜର ମୁଖିଆ ତଥା ବେହେରା କସ୍ତୁରୀ ଚରଣ ପ୍ରଧାନଙ୍କ ପରଲୋକ ଯୋଗୁ ଚଳିତ ବର୍ଷ ବନ୍ଦ ରଖାଯାଇଥିଲା । ଏହି ଅବସରରେ ମଙ୍ଗଳବାର ଇଷ୍ଟଦେବ ଗୋପୀନାଥ ଜୀଉ ଗ୍ରାମ ପରିକ୍ରମା କରି ଚାଚେରୀ ଭୋଗ ଖାଇଥିଲେ । ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ରାଧାକୃଷ୍ଣଙ୍କ ପ୍ରତିମା ଗ୍ରାମରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କାର୍ତ୍ତିକ


@ ଆଦିତ୍ୟ


@ କ୍ଷିତି ପ୍ରକାଶ


@ ରୋଜାଲିନ


@ କୁନାଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ୪ ଗୁରୁତର

ରସୁଲପୁର,୯।୩(ଡି.ଏନ୍.ଏ.): କୁଆଖିଆ ଥାନ ଅଧୀନ କୃଷ୍ଣପଡ଼ା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ୪ ବାଇକ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ୪ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୃଷ୍ଣପଡ଼ା ଗାଁର ମନୋଜ ବେହେରା(୨୬), ପାଟପୁର ଗାଁର ଜିତୁ ବେହେରା(୨୮), ମନୋଜ ବାରିକ (୨୭) ଓ ଟାକୁଆଠେଙ୍ଗ ଗାଁର ନିସିକାନ୍ତ ରାଉତ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଆମେ ବିପଦରେ ସାଥି ପକ୍ଷରୁ ଖାଦ୍ୟ ବଣ୍ଟନ

ପାଣିକୋଇଲି,୯।୩(ଡି.ଏନ.ଏ.): ଆମେ ବିପଦରେ ସାଥି ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ କରାଯାଇଛି । ଗୋଳେଇପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ଉପେନ୍ଦ୍ର ସାହୁଙ୍କ ଏକ ବ୍ରତଘର ଭୋଜିରେ ପ୍ରାୟ ୩ ଶହ ଲୋକଙ୍କ ପାଇଁ ଖାଦ୍ୟ ବଳିପଡିବାରୁ ସେମାନେ ଆମେ ବିପଦରେ ସାଥୀ ସଦସ୍ୟଙ୍କୁ ଖବର ଦେଇଥିଲେ । ସଦସ୍ୟମାନେ ବଳକା ଖାଦ୍ୟକୁ ଗ୍ରହଣ କରିବା ପରେ ବେଙ୍ଗା ଆଦିବାସୀ ବସ୍ତି ଓ କଲେଜ ପଛ ଆଦିବାସୀ ବସ୍ତିରେ ଏହାକୁ ବଣ୍ଟନ କରିଥିଲେ ।

# ମହିଳାଙ୍କୁ ଆତ୍ମ ନିଯୁକ୍ତିରେ ଏମ୍‌ଏସ୍‌ଏମ୍‌ଇ ପ୍ରକଳ୍ପ ଏକ ସମୁଚିତ ପଦକ୍ଷେପ

**ଯାଜପୁରରେ ପ୍ରାରମ୍ଭିକ ପୁଞ୍ଜୀ (ସିଡ୍ କ୍ୟାପିଟାଲ)ପ୍ରଦାନ କାର୍ଯ୍ୟକ୍ରମ**

ଯାଜପୁର ଟାଉନ,୯।୩(ଡି.ଏନ୍.ଏ.):

ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଯାଜପୁର ପୌରପାଳିକା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତିଭବନଠାରେ ପ୍ରାରମ୍ଭିକ ପୁଞ୍ଜି (ସିଡ୍ କ୍ୟାପିଟାଲ) ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ପୌରପାଳିକା ଅଧୀନରେ ଥିବା ୧୮ ୱାର୍ଡ ମଧ୍ୟରେ ୪୭୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇ ୨୧ ଆଞ୍ଚଳିକ ମହାସଂଘ ଗଠନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି। ରାଜ୍ୟ ସରକାରଙ୍କ ଯାଜପୁର ଜିଲା ପାଇଁ ସ୍ୱତନ୍ତ୍ର ଆନ୍ତରିକତା ଯୋଗୁ ମୁକ୍ତା ଯୋଜନାରେ ୩୭୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇ ୫ କୋଟି ଟଙ୍କାର କାର୍ଯ୍ୟକ୍ରମ କରାଯାଇ ୩୭.୫୦ ଲକ୍ଷ ଅର୍ଥାତ ଶତକଡା ୭.୦୫ ହାରରେ ସୁପରଭିଜନ ବା ପ୍ରକଳ୍ପର ତଦାରଖ ବାବଦକୁ ରାଶି ପ୍ରଦାନ କରାଯାଇଛି। ମହିଳାଙ୍କୁ ଆତ୍ମନିଯୁକ୍ତି ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୨୪ ଏମ୍‌ଏସ୍‌ଏମ୍‌ଇ ପ୍ରକଳ୍ପ ଯାଜପୁର ପୌରାଞ୍ଚଳରେ ସୃଷ୍ଟି କରାଯାଇ ୫୦୦ ପରିବାରଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ପୌରାଞ୍ଚଳରେ ଅନୁଷ୍ଠିତ ବିରଜାଶ୍ରୀ ବାଣିଜ୍ୟ ମେଳାରେ ୭୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦ ବିକ୍ରୟ କରି ଲାଭବାନ ହୋଇଛନ୍ତି। ପୌରାଞ୍ଚଳରେ ପ୍ରାରମ୍ଭିକ ପୁଞ୍ଜୀ କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ଏକ ସମୁଚିତ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି। ଏହା ମହିଳାଙ୍କ କ୍ଷେତ୍ରରେ ଜୀବନ ଜୀବିକା ଉତ୍ଥାନରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଭାସିରେ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ସେହିପରି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟକ୍ରମ ଯୋଜନା ମାଧ୍ୟମରେ ୭ ଆଞ୍ଚଳିକସ୍ତରୀୟ ସଂଘର ୨୪ ସ୍ୱୟଂ ସହାୟକ ଗୋଷ୍ଠୀକୁ ୮୦ ଲକ୍ଷ ୩୦ ହଜାର ପ୍ରାରମ୍ଭିକ ପୁଞ୍ଜୀ ପ୍ରଦାନ କରାଯିବ। ଫଳରେ ସେମାନେ ନିଜର ପ୍ରସ୍ତୁତ ସାମଗ୍ରୀକୁ ବ୍ୟାପକ କରିବା ସହିତ ଅଧିକ ଲାଭବାନ ହେବେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ଯୋଗଦେଇ କହିଥିଲେ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପୌରାଞ୍ଚଳରେ ମହିଳାଙ୍କୁ ଆହୁରି ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନର ସଫଳତା ଦିଗରେ ଉଦ୍ୟମରତ। ପୌରାଞ୍ଚଳର ମହିଳାମାନେ ଆହାର, ଜନତା ଶୌଚାଳୟ, ମୁକ୍ତ ପ୍ରମୋଦ ଉଦ୍ୟାନର ପରିଚାଳନା ଏବଂ ଅନ୍ୟତମ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ କୋଦଣ୍ଡପୁର ଠାରେ ନିର୍ମିତ ସମ୍ପଦ କେନ୍ଦ୍ର (ଏମ୍‌ଆର୍‌ଏଫ ଆଣ୍ଡ ଏମ୍‌ସିସି) ଦାୟିତ୍ୱ ନିର୍ବାହରେ ପୂର୍ଣ୍ଣ ସକ୍ଷମ ହୋଇପାରିଛନ୍ତି। ସେହିପରି ପୌରାଞ୍ଚଳର ମହିଳାଙ୍କୁ ବିଧାୟକ ଦେୟମୁକ୍ତ ସିଲାଇ ପ୍ରଶିକ୍ଷଣ ପ୍ରଦାନ କରି ପ୍ରଥମ ପର୍ଯ୍ୟାୟରେ ୧୫୬ ସିଲାଇ ମେଶିନ ବଣ୍ଟନ କରି ସେମାନଙ୍କୁ ବ୍ୟକ୍ତିଗତ ସ୍ୱାବଲମ୍ବି ହେବାରେ ଏବଂ ମହିଳାମାନଙ୍କୁ ଅଧିକରୁ ଅଧିକ ସଶକ୍ତ କରାଇବା ଦିଗରେ ପ୍ରେରଣା ଯୋଗାଇଦେଇ ଆସୁଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ ଯାଜପୁର ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଯୋଗଦେଇ ମନୋନୀତ ଆଞ୍ଚଳିକସ୍ତରୀୟ ସଂଘ (ଏଏଲ୍‌ଏଫ୍)ଗୁଡିକୁ ଚେକ୍ ପ୍ରଦାନ କରିବା ସହିତ ସଂପୃକ୍ତ ବ୍ୟାଙ୍କ ପରିଚାଳକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌରସଂସ୍ଥା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ମା', ଝିଅଙ୍କୁ ମରଣାନ୍ତକ ଆକ୍ରମଣ

**ଜ୍ୱାଇଁଙ୍କ ନାମରେ ଥାନାରେ ମାମଲା ରୁଜୁ**

ରସୁଲପୁର,୯।୩(ଡି.ଏନ.ଏ.):

କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ଗ୍ରାମର ମା', ଝିଅଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ନାରାୟଣ ସାମଲ ଘରେ ନ ଥିବା ସମୟରେ ତାଙ୍କ ଝିଅ ରଶ୍ମିତା ଦାସ ଓ ସ୍ତ୍ରୀ ମନୋରମା ସାମଲଙ୍କୁ ଜ୍ୱାଇଁ ଆକ୍ରମଣ କରିଛନ୍ତି। ଜ୍ୱାଇଁ ସୂର୍ଯ୍ୟକାନ୍ତ ଦାସ ୫ ତାରିଖରେ ସହଯୋଗୀମାନଙ୍କ ସହ ମାରଣାସ୍ତ୍ର ଧରି ଶ୍ୱଶୁର ଘର ନିକଟରେ ପହଞ୍ଚିଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ରଶ୍ମିତା ବାହାରକୁ ଉଠିଥିଲେ। ଏହି ସୁଯୋଗରେ ସୂର୍ଯ୍ୟକାନ୍ତ ତାଙ୍କୁ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଝିଅର ଚିତ୍କାର ଶୁଣି ମା' ମୋନରମା ବାହାରକୁ ଆସି ଦେଖିଲେ ଯେ ଜ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଝିଅକୁ ମାଡ଼ ମାରି ତଳେ ପକାଇ ଦେଇଛନ୍ତି। ଶାଶୁଙ୍କୁ ଦେଖି ଜ୍ୱାଇଁ ତାଙ୍କ ଆଡ଼କୁ ଦୌଡ଼ି ଆସି ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ସେ ମଧ୍ୟ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ଉଭୟଙ୍କ ଚିତ୍କାର ଶୁଣି ନାତି ଘରୁ ବାହାରି ଆସି ମଉସା ବାହାଦୂର ପ୍ରଧାନଙ୍କୁ ଫୋନ ଯୋଗ ଜଣାଇଥିଲେ। ସେମାନେ ଯାଜପୁରରୋଡ୍‌ରୁ ଆସି ଆହତ ମା,ଝିଅଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ନାରାୟଣ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ନଂ.୭୬/୨୩ରେ ଏକ ମାମାଲ ରୁଜୁ କରିଛି। ଏହାମଧ୍ୟରେ ଘଟଣା ଘଟିବାକୁ ୪ଦିନ ବିତିଯାଇଛି। ହେଲେ ପୋଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଏପିରି କି ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଘଟଣାକୁ ନେଇ ଅଭିଯୋଗପତ୍ରକୁ ପୋଲିସ ଥାନାରେ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଇଥିଲା। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ୭ ମାର୍ଚ୍ଚରେ ଥାନାରେ ମାମଲା ରୁଜୁ କରାଯାଇଛି। ପ୍ରକାଶଥାଉ କି, ରଶ୍ମିତା ୧୫ବର୍ଷ ତଳେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଜିରଙ୍ଗରେ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଯୋଗୁ ରଶ୍ମିତା ୭/୮ବର୍ଷ ହେବ ଆସି ବାପଘରେ ରହୁଛନ୍ତି। ପାରିବାରିକ ମାମଲା ପରିବାର କୋର୍ଟରେ ବିଚାରାଧୀନ ରହିଛି। ଦମ୍ପତିଙ୍କ ମଧରେ ନାନା ସମୟରେ କଳିଝଗଡ଼ା ନେଇ ଥାନାରେ ଏକାଧିକ ମାମଲା ରହିଛି। ରଶ୍ମିତାଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେମାନଙ୍କୁ ଚଳାଇବା ପାଇଁ ରଶ୍ମିତା ଜାରକା ବଜାରର ଏକ ଗହଣା ଦୋକାନରେ କାର୍ଯ୍ୟ କରିଆସୁଛନ୍ତି। ତେବେ ଦୋକାନକୁ କାମ କରିବାକୁ ଗଲାବେଳେ ସ୍ୱାମୀ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

# ଯାଜପୁର ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମବରଦା,୯।୩(ଡି.ଏନ.ଏ.):

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘ କାର୍ଯ୍ୟାଳୟ ନିକଟରେ ଯାଜପୁର ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘ ସଭାପତି ଚୟନ ଓ ୪୮ତମ ବାର୍ଷିକ ଉତ୍ସବ ସଂଘ ସଭାପତି ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରୁ ସଂଘ ପ୍ରତିଷ୍ଠାତା ଓ ପୂର୍ବତନ ସଭାପତି ହରିବନ୍ଧୁ ଗିରିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହିତ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ପଦ୍ମଚରଣ ନାୟକ ପୂର୍ବ ବର୍ଷରେ ମୃତ୍ୟୁବରଣ କରିଥିବା ବିଡ଼ି ଶ୍ରମିକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବ ବର୍ଷର ସଂଘର ବାର୍ଷିକ ଜମା ଓ ଖର୍ଚ୍ଚ କେତେ ରହିଛି ସେଠାରେ ସମ୍ପାଦକ ଗୌତମ ସାମଲ ଶ୍ରମିକଙ୍କୁ ପାଠ କରି ଶୁଣାଇବା ସହିତ ନୂତନ କରି ଆସିଥିବା କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ପରେ ସଭାପତି ଚୟନ ନିମନ୍ତେ ସମ୍ପାଦକ ସୁରେନ୍ଦ୍ର ଦାସ ସଂଘର ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

ଏହି ନିର୍ବାଚନରେ ଏହାକୁ ଲଗାଇ ୧୦ଥର ପ୍ରଦୀପଙ୍କୁ ସଂଘ ତରଫରୁ ସଭାପତି ନିର୍ବାଚିତ କରାଯାଇଥିବାରୁ ସେ ସମସ୍ତ ବିଡ଼ି ଶ୍ରମିକଙ୍କୁ କୃତଜ୍ଞତା ଜଣାଇଥିଲେ। ବିଡ଼ି ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ପ୍ରଚଳନ କରି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରି କିପରି ଭାବେ ବର୍ଦ୍ଧିତ ମଜୁରୀ ଲାଗୁ କରାଯିବ ସେ ବିଷୟରେ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ସହ ଶ୍ରମିକଙ୍କ ପେନସନ୍ ବୃଦ୍ଧି କରି ମାସିକ ସର୍ବନିମ୍ନ ୭ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରିଥିଲେ। ସଭାରେ କୋଷାଧ୍ୟକ୍ଷ ଜହୁର ମହମ୍ମଦ, ବୈଷ୍ଣବ ବେହେରା, ଦୈତାରି ଗିରି, ଗଣେଶ୍ୱର ସେଠୀ, ଆନନ୍ଦ ସାହୁ, ପ୍ରଭାତ ସାହୁ, ସୁବାସ ଜେନା, ଗୋପୀନାଥ ସାହୁ, ଶ୍ରୀଧର ବାରିକ, କାର୍ତ୍ତିକ ଓଝାଙ୍କ ସହ ଅନ୍ୟ ସମସ୍ତ ସଂଘ ଶ୍ରମିକମାନେ ଯୋଗ ଦେଇଥିଲେ। ଶେଷରେ ସାଧାରଣ ସମ୍ପାଦକ ଧନେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ୧୮ ସେଣ୍ଟରରେ ୨୯୫୬ଜଣ ଦେବେ ମାଟ୍ରିକ ପରୀକ୍ଷା

**ଧର୍ମଶାଳା ବ୍ଲକ**

ଧର୍ମଶାଳା,୯।୩ (ଡି.ଏନ୍.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ୨୦ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକରେ ୨୯୫୬ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏମାନଙ୍କ ମଧ୍ୟରୁ ୧୨୮ଜଣ ମଧ୍ୟମା ଓ ୨୦୨୮ଜଣ ରେଗୁଲାର,ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରେ ୮ଜଣ ଏକ୍ସ ରେଗୁଲାର ଓ ୪ଜଣ ଦିବ୍ୟାଙ୍ଗ ପରୀକ୍ଷାର୍ଥୀ ରହିଛନ୍ତି। ବାଣୀପୀଠକୁ ନୋଡ଼ାଲ ସେଣ୍ଟର କରାଯାଇଛି। ଏଠାରେ କଡ଼ା ପୋଲିସ ପହରା ମଧ୍ୟରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ପ୍ରଶ୍ନପତ୍ର ରଖାଯାଇଛି। ଏହି ନୋଡ଼ାଲ ସେଣ୍ଟରରୁ ସକାଳ ୫ଟାରୁ ୭ଟା ମଧ୍ୟରେ ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସକାଳ ୮ରୁ ଆରମ୍ଭ ହୋଇ ଦିନ ୧୦ଟାରେ ଶେଷ ହେବ । କିନ୍ତୁ ଗଣିତ ପରୀକ୍ଷା ସକାଳ ୮ଟା ଠାରୁ ୧୦ଟା ୧୫ ପର୍ଯ୍ୟନ୍ତ ଚାଲିବ। । ଚଳିତ ବର୍ଷ ବାଣୀପୀଠରେ ୧୯୬ଜଣ, ଆରୁହା ହାଇସ୍କୁଲରେ ୧୪୩, ବାଘୁଆ ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ୧୬୧, ବଳରାମପୁର ହାଇସ୍କୁଲରେ୧୭୩, ଗୋପାଳଜୀଉ ହାଇସ୍କୁଲ ମୁରାରିପୁରରେ୧୩୮, ମହୀଶରା ହିଙ୍ଗୁଳା ହାଇସ୍କୁଲରେ ୧୫୯, ଜେନାପୁର ହାଇସ୍କୁଲରେ ୧୬୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ସେହିପରି କାଏମା ଲାଲବାହାଦୁର ହାଇସ୍କୁଲରେ ୧୮୧, ନେଉଳପୁର ନୀଳସୁନ୍ଦର ହାଇସ୍କୁଲରେ ୧୨୮, ରେଖିଦେଇପୁର ପଞ୍ଚାୟତ ହାଇସ୍କୁଲରେ ୧୪୮, ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲରେ୧୩୧, ବାଟିଯୋଡ଼ା ସ୍ୱପ୍ନେଶ୍ୱର ନୋଡ଼ାଲ ସ୍କୁଲରେ ୧୭୧, ନହଙ୍ଗାପଟଣା ୟୁଜି ପିଏଲ୍‌ଏମ୍ ସ୍କୁଲରେ ୧୪୧,ଜାରକା ହାଇସ୍କୁଲରେ ୧୬୩, କବାଟବନ୍ଧ ହାଇସ୍କୁଲରେ ୧୯୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଗଡ଼ମଧୁପୁର ହାଇସ୍କୁଲରେ ୧୧୯ଜଣ ରେଗୁଲାର ଓ ୬୧ଜଣ ମଧ୍ୟମା, କୋତପୁର ଜାଗୁଳାଇ ହାଇସ୍କୁଲରେ ୧୬୪ଜଣ ରେଗୁଲାର ଓ ୧୬ଜଣ ମଧ୍ୟମା,ହିଙ୍ଗୁଳା ହାଇସ୍କୁଲରେ ୧୫୨ ଜଣ ରେଗୁଲାର ଓ ୫୧ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।



ଷ୍ଟ୍ରଙ୍ଗ୍ ରୁମ୍ ଆଗରେ ସୁରକ୍ଷାକର୍ମୀ ଜଗି ରହିଛନ୍ତି ।

# ବିଶ୍ୱ ମହିଳା ଦିବସ ପାଳିତ

ଚଣ୍ଡିଖୋଲ,୯।୩(ଡି.ଏନ୍.ଏ.):

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ତାଲୁକ କେନ୍ଦ୍ରର ଅଧକ୍ଷା ତଥା ବିଚାରପତି ପରବିନ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ବିଚାରପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, କୋର୍ଟ ବାରଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ, ଏଜିପି ଶଶାଙ୍କ ଶତପଥୀ, ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି, ଆଇନଜୀବୀ ଜାଗୃତି ବାରିକ, ଶାରଦା ଯୋଗମାୟା ନାୟକ, ଜ୍ୟୋତିର୍ମୟୀ ସ୍ୱାଇଁ, ଲୋମାରାଣୀ ନାୟକ, ବେବିନା ଓଝା, ରୋଜାଲିନ ସାହୁ, ନିଗମାନନ୍ଦ ପାତ୍ର, ଦେବଜାନୀ ମିଶ୍ର ପ୍ରମୁଖ ଯୋଗଦେଇ ଭ୍ରୁଣହତ୍ୟା ନିରୋଧ ଆଇନ, ପୋକସୋ ଆଇନରେ ପୀଡ଼ିତାଙ୍କୁ କ୍ଷତିପୂରଣ ଯୋଜନା, କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ନିର୍ଯାତନା ଓ ଶୋଷଣ ବିରୋଧରେ ଆଇନ ସଚେତନତା ଏବଂ ମହିଳା ସଶକ୍ତିକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ରିଟେନର ବିଜୟ ରାଉଳ ଧନ୍ୟବାଦ ଦେଇଥିଲେ।

ସେହିପରି ଚଣ୍ଡିଖୋଲର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ବିଶ୍ୱ ମହିଳା ଦିବସ ଗୁରୁବାର ପାଳିତ ହୋଇଯାଇଛି। ସଂଗଠନ ସଭାନେତ୍ରୀ ଦେବଜାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାଧୁରୀ ଶତପଥୀ, ମୁଖ୍ୟବକ୍ତା ଭାବେ ଡ. ସସ୍ମିତା ଗାହାଣ, ସମ୍ମାନିତ ଅତିଥି ଆଇନଜୀବୀ ସବିତା ମିଶ୍ର ଯୋଗଦେଇ ନାରୀ ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଅରଣୀ ନନ୍ଦ, କନକ ଲତା ବେହେରା, ସହସମ୍ପାଦୀକା ସରୋଜିନୀ ପଣ୍ଡା, ଉପଦେଷ୍ଟା କାଦମ୍ବିନୀ ମିଶ୍ର, ଗାୟତ୍ରୀ ଜେନା, ଯୁଗ୍ମ ସମ୍ପାଦିକା ହେମାମାଳିନୀ ସିଂହ, ନାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।



ଚଣ୍ଡିଖୋଲ କୋର୍ଟ ପରିସରରେ ଅନୁଷ୍ଠିତ ମହିଳା ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ: ରାସ୍ତା ରୋକୋ

ଆଳି,୯।୩ (ଡି.ଏନ.ଏ.)

ଆଳି ଥାନା ଅଞ୍ଚଳର କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ବୁଧବାର ଅପରାହ୍ନରେ ପିକ୍‌ଅପ ଧକ୍କାରେ ଆଳି ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ମୃତ୍ୟୁ ଘଟିଛି। ଏହାକୁ କେନ୍ଦ୍ରକରି ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଘଟଣାସ୍ଥଳରେ ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା, ଆଳି ଥାନା ଆଇଆଇସି ଦିଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଧ୍ୟାପକ ସାହୁ ଅପରାହ୍ନରେ ତାଙ୍କ ବାଇକ୍ ନଂ. ଓଡ଼ ୨୯ଜେ ୫୯୯୫ରେ ପତ୍ନୀ ଓ ପୁଅକୁ ନେଇ ଘରୁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିଲେ। ଛପୋଲିଆ ନିକଟରେ ପଟ୍ଟାମୁଣ୍ଡାଇ ପଟରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ନଂ. ଓଡି ୦୪ଏମ୍ ୦୫୮୯ ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ବିଜୟ, ତାଙ୍କ ପତ୍ନୀ ଓ ପୁଅ ରାସ୍ତାରେ ଛିଟିକି ପଡ଼ିଥିଲେ। ବିଜୟଙ୍କ ଡାହାଣ ଗୋଡ଼ ଉପରେ ପିକ୍‌ଅପ ଭ୍ୟାନଟି ଚଢି ଯିବାରୁ ତାହା ସମ୍ପୂର୍ଣ୍ଣ ଭାବେ କଟି ଯାଇଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦେଇଥିଲେ। ପରିବାର ଲୋକ ବିଜୟଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବାକୁ କଟକର ଏକ ଘରୋଇ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିଜୟଙ୍କ ପତ୍ନୀଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତାରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁଅଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି।

ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟି କିଛିଦିନ ମଧ୍ୟରେ ୮ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏହି ସ୍ଥାନକୁ ଦୁର୍ଘଟଣାସ୍ଥଳ ଘୋଷଣା ସହ ହମ୍ପସ ନିର୍ମାଣ ଓ ଆଲୋକୀକରଣ ଦାବି କରିଛନ୍ତି। ଏ ନେଇ ଆଳି ଥାନା ଆଇଆଇସି ଦିଲୀପ ସାହୁ, ଜିଲା ପରିବହନ ବିଭାଗ, ପୂର୍ତ୍ତ ବିଭାଗ ଓ ଜିଲାପାଳଙ୍କ ନିକଟକୁ ଏହି ରାସ୍ତାର ଦୁର୍ଘଟଣାକୁ ଲକ୍ଷ କରି ଦୁର୍ଘଟଣା ପ୍ରବଣ ସ୍ଥାନ ଘୋଷଣା ନିମନ୍ତେ ଏକ ଚିଠି ଲେଖିଥିଲେ। ବୁଧବାର ଦୁର୍ଘଟଣା ପରେ ଗୁରୁବାର ଅପରାହ୍ନରେ ଜିଲା ପରିବହନ ବିଭାଗ, ପୂର୍ତ୍ତ ବିଭାଗର ଏସଡ଼ିଓ ନିହାର ମାଝି, କନିଷ୍ଠଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା, ଆଳି ଥାନା ଆଇଆଇସି ସାହୁ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କ ସମେତ ଅଞ୍ଚଳବାସୀଙ୍କ ଉପସ୍ଥିତରେ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରି ଖୁବ୍‌ଶୀଘ୍ର ସେହିସ୍ଥାନକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରିବାକୁ ହମସର୍ନିମାଣ ନିମନ୍ତେ ପ୍ରତିଶୃତି ଦେଇଛନ୍ତି।


ପ୍ରଶାସନିକ ଅଧିକାରୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

# ଦୂର ହେଉନି ଆବାସ ଦ୍ୱନ୍ଦ୍ୱ

- ୨ ବର୍ଷ ହେଲା ଟଙ୍କା ଫେରସ୍ତ ପରେ ବି ମିଳୁନି ଘର
- ପଲିଥିନ ତଳେ ବିତୁଛି ଜୀବନ

ରସୁଲପୁର,୯।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଦିଆନଚକ ଗ୍ରାମର ଲୋକନାଥ ସ୍ୱାଇଁଙ୍କ ପରିବାର ପଲିଥିନ ତଳେ ବାସ କରୁଛନ୍ତି। ଲୋକନାଥ ଆବାସ ପାଇଁ ୨ବର୍ଷ ହେଲା ବ୍ଲକ୍ କାର୍ଯ୍ୟାଳୟରେ ଟଙ୍କା ଫେରସ୍ତ କରି ଆସିଛନ୍ତି। ହେଲେ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳି ପାରୁନାହିଁ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ାଦୌଡ଼ି କରି ସେ ନିରାଶ ହେଉଛନ୍ତି। ଘର ଖଣ୍ଡିଏ ନିର୍ମାଣ କରିବାକୁ ସାମର୍ଥ୍ୟ ନ ଥିବାରୁ ଲୋକନାଥ ପରିବାର ସରକାରଙ୍କ ହାତଟେକାକୁ ଚାହିଁ ବସିଛନ୍ତି। ତେଣେ ସରକାରୀ ଆବାସକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇପାରୁ ନ ଥିବାରୁ ବ୍ଲକ ଅଞ୍ଚଳରେ ୪୦ରୁ ଅଧିକ ହିତାଧିକାରୀ ଆବାସ ପାଇଁ ଚାହିଁ ବସିଛନ୍ତି।

୨୦୦୪/୦୫ ଆର୍ଥିକ ବର୍ଷରେ ଲୋକନାଥଙ୍କୁ ଇନ୍ଦିରା ଆବାସ ପାଇଁ କାର୍ଯ୍ୟାଦେଶ ମିଳିଥିଲା, ଯାହାର ମୂଲ୍ୟ ୩୫ହଜାର ଟଙ୍କା ଥିଲା। ସେତେବେଳ ପ୍ରଥମ କିସ୍ତିରେ ହିତାଧିକାରୀଙ୍କୁ ୫ହଜାର ଟଙ୍କା ମିଳିଥିଲା। ଉକ୍ତ ଟଙ୍କାକୁ ବ୍ୟୟକରି ସେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ତାଙ୍କୁ ଆଉ ୧୦ହଜାର ଟଙ୍କା ମିଳିଥିଲା। ତେବେ ପରିବାରରେ ମେଡିକାଲ ସମସ୍ୟା ଯୋଗୁ ସେ ପାଇଥିବା ୧୦ହଜାର ଟଙ୍କାକୁ ଘର କାମରେ ଖର୍ଚ୍ଚ ନ କରି ଔଷଧ କିଣିବା ବାବାଦକୁ ଖର୍ଚ୍ଚ କରିଦେଲେ। ଘର କାମ ଭୁଇଁରୁ ଉଠି ପାରିଲା ନାହିଁ। ଏହାରି ଭିତରେ ୧୮ବର୍ଷ ବିତି ସାରିଲାଣି। ସରକାରଙ୍କ ଘୋଷଣା ମୁତାବକ, ଘର ପାଇଁ ଟଙ୍କା ଫେରସ୍ତ କରିସାରିଛନ୍ତି। ଟଙ୍କା ଫେରାଇଲେ ସେମାନଙ୍କୁ ନୂଆ ଦରରେ ଆବାସ ପାଇଁ କାର୍ଯ୍ୟାଦେଶ ମିଳିବ। ଏହାଜାଣି ସେ ୨ବର୍ଷ ତଳେ ଧାରକରଜ କରି ବ୍ଲକକୁ ଟଙ୍କା ଫେରସ୍ତ କରି ଆସିଛନ୍ତି। ହେଲେ ଏଯାଏ ତାଙ୍କୁ ଆବାସ ମିଳି ପାରିନାହିଁ। ଲୋକନାଥଙ୍କ ପରିବାରର ୪ଜଣ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବାରୁ ଲୋକନାଥ ଓ ତାଙ୍କ ପୁଅ ଉଭୟ ସୁଦୂର ବାଙ୍ଗାଲୋରସ୍ଥିତ ଏକ ସପିଂ ମହଲରେ କାମ କରୁଛନ୍ତି। ସେଥିରୁ ଯାହାକିଛି ରୋଜଗାର ହେଉଛି କେବଳ ଘର ଚଳିବା ସମ୍ଭବପର ହୋଇପାରୁଛି। ଘର ଖଣ୍ଡିଏ କରିବାକୁ ସକ୍ଷମ ଓ ସମ୍ବଳ ନ ଥିବା ଲୋକନାଥଙ୍କ ସ୍ତ୍ରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।


ଘର ଆଗରେ ଲୋକନାଥ ସ୍ୱାଇଁଙ୍କ ସ୍ତ୍ରୀ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ, ୨୦୨୩



### ବାବା ଅରକ୍ଷିତ ଦାସଙ୍କୁ ପଞ୍ଚସଖା ପ୍ରତିଭା ସମ୍ମାନ

ବିରିଡି, (ଡି.ଏନ୍.ଏ.): ବିରିଡି ବ୍ଲକ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ମହାପୁରୁଷ ପଞ୍ଚସଖାଙ୍କ ସିଦ୍ଧି ଓ ସାଧନ କ୍ଷେତ୍ର ଧାନକୁଦ ପୀଠର ପୀଠାଧିଶ ତଥା ମାଳିକା ପ୍ରବୋଚକ ବାବା ଅରକ୍ଷିତ ଦାସଙ୍କୁ ପଞ୍ଚସଖା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ବଣାଇଗଡ ପକ୍ଷରୁ ବାବାଙ୍କୁ ଉପରୋକ୍ତ ସମ୍ମାନ ଦିଆଯାଇଛି। ବାବାଙ୍କ ଜୀବନ ବ୍ୟାପି ପଞ୍ଚସଖାଙ୍କ ସାଧନା, ପୋଥି ଗ୍ରନ୍ଥ ଉଦ୍ଧାର ଏବଂ ପଞ୍ଚସଖାଙ୍କ ଧର୍ମ ଦର୍ଶନର ତତ୍ତ୍ୱ ପ୍ରସାର ପାଇଁ ଏହି ସମ୍ମାନ ଦିଆଯାଇଛି ବୋଲି କୁହାଯାଇଛି। ମୁଖ୍ୟ ଅତିଥି ଭାବେ ବୀର କେଶରୀ ଇନ୍ଦ୍ରଦେଓ ଦେବରାଜା ସାହେବ,ବଣେଇ ପରାଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ମହେଶ୍ୱର ସାହୁ, କମଳେଶ ପ୍ରସାଦ ମିଶ୍ର, କେଶବ ଚନ୍ଦ୍ର ସାହୁ, ଇନ୍ଦ୍ର ପ୍ରସାଦ ମିଶ୍ର, ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ୫୪ କୋଟି ଖର୍ଚ୍ଚ ପରେ ବି ପାଣି ମିଳୁନି

ପଞ୍ଚାମୁଣ୍ଡାଇ, ୯।୩ (ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ ପୌରାଞ୍ଚଳରେ ପିଇବା ପାଣି ଏବେବି ପ୍ରମୁଖ ସମସ୍ୟା ହୋଇ ରହିଛି। ସରକାର ଅମୃତ ଯୋଜନାରେ ବିଶୁଦ୍ଧ ପାଣି ଯୋଗାଣ ବାବଦରେ ଅର୍ଥ ଖର୍ଚ୍ଚ କରୁଥିଲେ ମଧ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। କେଉଁ ୱାର୍ଡରେ ପାଣି ଆସୁଛି ତ କେଉଁଠି ଜମା ନାହିଁ। ଆଉ କେଉଁଠି ପାଇପ୍ ଫାଟିଚି ତ କେଉଁଠାରେ ମୁକୁଳା ଟ୍ୟାପ୍‌ରୁ ଅନବରତ ପାଣି ବୋହି ଚାଲିଛି। ଏବେ ବି ଲୋକେ ପାଣି ପାଇଁ ଷ୍ଟାଣ୍ଡପୋଷ୍ଟରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଏଭଳି ଦେଖିବାକୁ ମିଳିଛି ପଞ୍ଚାମୁଣ୍ଡାଇ ପୌରାଞ୍ଚଳର ୨୦ଟି ୱାର୍ଡରେ।

ଏ ସମସ୍ତ ୱାର୍ଡର ଘରକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲକ୍ଷ୍ୟରେ ଅମୃତ ଯୋଜନାରେ ୫୪ କୋଟି ଖର୍ଚ୍ଚ କରାଯାଇ ଅଳଭାଠାରେ ବୃହତ ପାନୀୟ ଜଳ ପ୍ରକଳ୍ପ (ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) କାରଗଲା। ୨୦୧୯ ସେପ୍ଟେମ୍ବର ୨୯ରେ ତତ୍‌କାଳ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଅଳଭାଠାରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୌରାଞ୍ଚଳର ୪୦ ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିବା ଉଦ୍‌ଘାଟନ ସ୍ଥଳରେ ଆୟୋଜିତ ସଭାରେ ମନ୍ତ୍ରୀ ଜେନା କହିଥିଲେ। ଇତିମଧ୍ୟରେ ୪ ବର୍ଷ ବିତିବାକୁ ବସିଛି। କିନ୍ତୁ ଅଳଭାଠାରେ ପ୍ରତିଷ୍ଠା କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ବି ଜଳ ଯୋଗାଣ ଠିକ୍ ଭାବେ ହୋଇପାରିନାହିଁ। ପୌରାଞ୍ଚଳରେ ବିଭିନ୍ନ ୱାର୍ଡକୁ ପାଣି ପାଇପ୍ ସଂଯୋଗ ହୋଇଛି। ନିମ୍ନମାନର ପାଇପ୍ ଯୋଗୁ ସେଗୁଡ଼ିକ ଫାଟି ଅନେକ ଜାଗାରେ ପାଣି ବୋହୁଛି। ପୂର୍ବରୁ ସମସ୍ତ ଘରକୁ ସଂଯୋଗ ହୋଇଥିବା ପୁରୁଣା ପାଇପ୍ ଓ ବର୍ତ୍ତମାନର ଅମୃତ ଯୋଜନାରେ ସମସ୍ତ ୱାର୍ଡରେ ଥିବା ବୋରୱେଲ୍‌ରେ ନୂଆ ପାଇପ୍ ସଂଯୋଗ କରାଯାଇଛି। ହେଲେ


ଓଭରହେଡ୍ ପାଣିଟାଙ୍କି


ପାଇପ୍ ଫାଟି ରାସ୍ତାରେ ପାଣି ବହୁଛି।

**ପଞ୍ଚାମୁଣ୍ଡାଇ ପୌର ପରିଷଦ**

■ ପାଇପ ଫାଟି ରାସ୍ତାରେ ପାଣି ନଷ୍ଟ ହେଉଛି

ସବୁ ଘରକୁ ପାଣି ଆସିପାରୁନାହିଁ। ଫଳରେ ଲୋକମାନଙ୍କୁ ପାଣି ପାଇଁ ପମ୍ପ ଓ ନଳକୂପ ପାଖରେ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଏ ସମ୍ପର୍କରେ ୫ ନଂ. ୱାର୍ଡ କଷଣଅଣ୍ଟାର ହିରଣ୍ୟ ରାଉତଙ୍କ କହିବା କଥା ହେଲା, ଅମୃତ ଯୋଜନା ପଞ୍ଚାମୁଣ୍ଡାଇ ପୌରାଞ୍ଚଳରେ ସଫଳ ହୋଇପାରିନାହିଁ। ରାସ୍ତା ତଳେ ଯେଉଁ ପାଇପ ବିଛାଯାଇଛି, ତାହା ଅତି ନିମ୍ନମାନର। ଫଳରେ ଅଧିକାଂଶ ସମୟରେ ପାଇପ୍ ଫାଟି ଯାଉଛି। ବାରମ୍ବାର ପାଇପ ଫାଟିଲେ ଲୋକେ ପାଣି କେମିତି ପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବେଲତଳ ଗାଁର ବାସିନ୍ଦା ପୀତାମ୍ବର ପରିଡା କହିଛନ୍ତି, ୫ ଦିନ ହେବ ୧୮, ୧୯ ଓ ୨୦ ନଂ. ୱାର୍ଡକୁ ପାଣି ଆସୁନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପାଇଁ ସରକାର ଯେତେ ସବୁ ଯୋଜନା କରୁଛନ୍ତି ତାହା ଫେଲ୍ ମାରୁଛି। କହିବୁ କାହାକୁ ଶୁଣିବ କିଏ। ଜନପ୍ରତିନିଧି ଯେଉଁମାନେ ଅଛନ୍ତି, ସେମାନେ ଏହାକୁ ନଜର ଦେଉନାହାନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସୁଦାମ ସାହୁଙ୍କୁ ପଚାରିବାରୁ ନିମ୍ନମାନର ପାଇପ୍ ବୋଲି ଯାହା ଅଭିଯୋଗ ହେଉଛି, ତାହା ଠିକ୍ ନୁହେଁ। ରାସ୍ତାରେ ପାଇପ୍ ବିଛା ସରିବା ପରେ ବିଭିନ୍ନ ସମୟରେ ରାସ୍ତା କାମ ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। କେତେକ ସ୍ଥାନରେ ଲୋକଙ୍କ ଘରକୁ ପାଣି ସଂଯୋଗ ପାଇଁ ପାଇପ୍ ମୁହଁ ବନ୍ଦ କରାଯାଇଛି। କିନ୍ତୁ କେତେଜଣ ଲୋକ ପାଣି ଟ୍ୟାପ୍ ଖୋଲି ଦେଉଥିବାରୁ ପାଇପରୁ ପାଣି ବାହାରି ରାସ୍ତାରେ ମାଡୁଛି। ସହରରେ ଯେଉଁସବୁ ସ୍ଥାନରେ ପାଇପ୍ ଫାଟି ପାଣି ବୋହୁଥିବା ଅଭିଯୋଗ ଆସୁଛି, ତାକୁ ସଙ୍ଗେ ସଙ୍ଗେ ମରାମତି କରାଯାଉଛି। ବେଲତଳ ଗାଁ ରାସ୍ତାରେ ଫାଟି ଯାଇଥିବା ପାଇପକୁ ବଦଳା ଯାଇ ନୂଆ ଲଗାଯାଉଛି। ଖୁବ୍‌ଶୀଘ୍ର ସମସ୍ୟା ଦୂର ହୋଇଯିବ ବୋଲି ସେ କହିଥିଲେ।

**ସଂକ୍ଷେପରେ**

## ବେଆଇନ ବାଣ, ବିସ୍ଫୋରକ ସାମଗ୍ରୀ ଜବତ, ୨ ଗିରଫ

ବାଲିକୁଦା,୯।୩(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳରେ ବାଣ କାରଖାନା ବିସ୍ଫୋରଣ ଘଟଣାକୁ ୧୦ ଦିନ ପୁରି ନ ଥିବା ବେଳେ ପୁଣି ବେଆଇନ ବାଣ ତିଆରି ହେଉଥିବା ପୋଲିସ ନଜରକୁ ଆସିଛି। ହୋଲି ପୂର୍ବ ଦିନ ବାଲିକୁଦା ପୋଲିସ ଗୋପାଳପୁର ଓ ମଣ୍ଡକେଶ୍ୱର ୨ଟି ସ୍ଥାନରେ ଚଢ଼ାଉ କରି ବେଆଇନ ବାଣ ସହ ସୁତୁଲି, ରଞ୍ଜକ, ପେପର, ମାଟି ଘଡି ଓ ବିସ୍ଫୋରକ ସାମଗ୍ରୀ ଆଦି ଜବତ କରିଛି। ଏହି ଘଟଣାରେ ୨ଟି ମାମଲା ନଂ. ୧୦୬/୨୩ ଓ ୧୦୯/୨୩ ରୁଜୁ କରି ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗୋପାଳପୁର ଗ୍ରାମର ସୁଶାନ୍ତ କୁମାର ସ୍ୱାଇଁ (ମିଲୁ) ନିଜ ଘରେ ବାଣ ତିଆରି କରୁଥିବା ପୋଲିସ ଖବର ପାଇଥିଲା। ଆଇଆଇସି ସଲିଳ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବିଶ୍ୱଜିତ ଗଡନାୟକ ଏକ ଟିମ ନେଇ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରୁ ୧ କିଲୋ ବାରୁଦ , ୩୫ ବମ , ୨ ଆଇରନ ଗୋଲା, ୧୫୦ ମାଟି ପାତ୍ର, ୫୦୦ଗ୍ରାମ କୋଲ ପାଉଡର, ଝୋଟ ଓ ସୁତୁଲି ଇତ୍ୟାଦି ଜବତ ହୋଇଥିଲା। ବେଆଇନ ବାଣ ତିଆରି ଓ ବିକ୍ରି କରିବା ଅଭିଯୋଗରେ ସୁଶାନ୍ତଙ୍କୁ ଗିରଫ କରାଯାଇଛି। ସେହିପରି ଏଏସ୍‌ଆଇ ତ୍ରିଲୋଚନ ପ୍ରଧାନ ଏକ ଟିମ୍ ନେଇ ଆମ୍ବଶାଳ ପଞ୍ଚାୟତର ମଣ୍ଡକେଶ୍ୱର ଗ୍ରାମରେ ଚଢ଼ାଉ କରି ସୁମନ୍ତ ମହାନ୍ତିଙ୍କଠାରୁ ବିଭିନ୍ନ ବେଆଇନ୍ ବାଣ ଜବତ କରଛନ୍ତି। ଏହି ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ୱାର୍ଡସଭ୍ୟଙ୍କ ମୃତଦେହ ଜବତ

**ପାରିବାରିକ କଳହରୁ ଆତ୍ମହତ୍ୟା ଆଶଙ୍କା**

ବାଲିକୁଦା,୯।୩(ସ୍ୱ.ପ୍ର.): ବାଲିକୁଦା ଥାନା ଅଧୀନ ତିହୁଡି ଗ୍ରାମର ଜଣେ ୱାର୍ଡ ସଭ୍ୟଙ୍କ ଝୁଲନ୍ତା ମୃତଦେହ ବୁଧବାର ଘର ନିକଟ ଚମ୍ପା ଗଛରୁ ମିଳିଛି। ସେ ହେଲେ ହେମନ୍ତ ରାଉତ (୩୨)। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ହେମନ୍ତ ହୋଲି ଖେଳି ଅପରାହ୍ନ ପ୍ରାୟ ୩ଟାରେ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଏନେଇ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ସେ ଘର ବାଡ଼ିରେ ଥିବା ଏକ ଚମ୍ପା ଗଛରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ହେମନ୍ତଙ୍କ ପାଟିଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୁଖ୍ୟ ଚିକିତ୍ସାଳୟରୁ ଖବରପାଇ ଜଗତ୍‌ସିଂହପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ହେମନ୍ତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଆମ୍ବଶାଳ ପଞ୍ଚାୟତ ୧୩ ନଂ.ୱାର୍ଡରୁ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ସମୟରେ ସରପଞ୍ଚ ଆଲୋକ ସ୍ୱାଇଁ, ପୂର୍ବତନ ସରପଞ୍ଚ ସରୋଜକାନ୍ତ ମହାପାତ୍ର, ନରୋତ୍ତମ ରାଉତ, ଦିଲୀପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପଦ୍ମପୁର, ୯।୩ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର କଣ୍ଟିଆନାଳି ଛକଠାରେ ଗୁରୁବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧାମରା ଥାନା ଅଧୀନ ଦୋସିଙ୍ଗା ଅଞ୍ଚଳର ମଦନ ବାରୋଇ। ସେ ବିଦେଇପୁରକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। କଷିଆ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ମାମଲା (ନଂ.୭୧/୨୩) ରୁଜୁ ହୋଇଛି।

## ଜାଲରୁ ଉଦ୍ଧାର ଅଲିଭ ରିଡ୍‌ଲେ କଇଁଛ ମୃତ

ପାରାଦୀପ,୯।୩ (ସ୍ୱ.ପ୍ର.)

ପାରାଦୀପ ହନୁମାନ ମନ୍ଦିର ସୀମା ସମୁଦ୍ର କୂଳରେ ଗୁରୁବାର ଅପରାହ୍ନରେ ଏକ ବଡ ଅଲିଭରିଡ୍‌ଲେ କଇଁଛର ମୃତଦେହକୁ ବୁଲା କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଛି। ଉକ୍ତ କଇଁଛକୁ ବୁଧବାର କଟକର ଜଣେ ଶିଶୁ କନ୍ୟା ଓ ତାଙ୍କ ବାପା ଆହତ ଅବସ୍ଥାରେ ଉଦ୍ଧାର କରି ପାଣିରେ ଛାଡିଥିଲେ। ସେହି କଇଁଛର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ବୁଧବାର କଟକ ଜୋବ୍ରା ଅଞ୍ଚଳର ସରୋଜ କୁମାର ସାହୁ ତାଙ୍କ ପରିବାର ସହ ପାରାଦୀପ ବେଳାଭୂମିରେ ବୁଲିଲାବେଳେ ଏକ ଛିଣ୍ଡା ଜାଲରେ କଇଁଛ ଲାଗି ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। କୁନି ଝିଅ ଶ୍ରୀୟାଂଶ୍ରୀ ପ୍ରିୟଦର୍ଶିନୀ (୭) ଏହା ଦେଖି ବିକଳ ହୋଇ ତାଙ୍କ ବାପାଙ୍କୁ ଉଦ୍ଧାର ପାଇଁ ଡାକିଥିଲେ। ବାପା ସରୋଜ ପାଖରେ ପଡ଼ିଥିବା ଏକ ଭଙ୍ଗା କାଚ ସାହାଯ୍ୟରେ ଜାଲକୁ କାଟି କଇଁଛକୁ ଉଦ୍ଧାର କରିଥିଲେ ଏବଂ ପରେ ତାକୁ ପାଣିରେ ଛାଡି ଦେଇଥିଲେ। ଜାଲରୁ କଇଁଛକୁ ବାହାର କରିବାବେଳେ ତାର ଗୋଟିଏ ଗୋଡ କଟି ଯାଇଥିଲା। ସେହି ୩ ଗୋଡିଆ କଇଁଛକୁ କୁକୁର ଖାଇଦେଇଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମିଶ୍ରଙ୍କୁ ପଚାରିବାରେ କୁହନ୍ତି, ଆମର କର୍ମଚାରୀ ସେଠାରେ ପଇଁତରା କରୁଛନ୍ତି। ଏଭଳି ଖବର ମୋ ପାଖରେ ନାହିଁ।


ଶ୍ରୀୟାଂଶ୍ରୀ ପ୍ରିୟଦର୍ଶିନୀ ଜାଲରେ ପଡ଼ିଥିବା ଅଲିଭ୍ ରିଡ୍‌ଲେକୁ ଉଦ୍ଧାର ପାଇଁ ଉଦ୍ୟମ କରୁଛନ୍ତି।

**ଶିଶୁ କନ୍ୟାର ଉଦ୍ୟମ ନିଷ୍ଫଳ ହେଲା**

## ପିପିଏଲ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ

ପାରାଦୀପ,୯।୩ (ସ୍ୱ.ପ୍ର.)

ପିପିଏଲ କମ୍ପାନୀ ପକ୍ଷରୁ ୫୨ ତମ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। କମ୍ପାନୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାରଖାନା ଓ ବାଷ୍ପିତ ବିଭାଗ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହବ୍ୟାପି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପିପିଏଲ୍ ତା'ର ସୁରକ୍ଷା ନିରାପତ୍ତା ପଦକ୍ଷେପ ବ୍ୟାପକ ଭାବେ କରିଛି। ତଥାପି ସତର୍କ ରହିବା ଜରୁରୀ ବୋଲି ମୁଖ୍ୟ ଅତିଥି ପଣ୍ଡା କହିଥିଲେ। କମ୍ପାନୀ ସୁରକ୍ଷା ଅଧିକାରୀ ନିହାରକାନ୍ତିରାଉତ ଧନ୍ୟବାଦ ଦେଇଥିଲେ।

## ବିକାଶ କ୍ଷେତ୍ରରେ ମହିଳାଙ୍କ ଅବଦାନ ଅତୁଳନୀୟ



ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ମହିଳାମାନଙ୍କୁ ସମ୍ମାନିତ କରୁଛନ୍ତି।

ପାରାଦୀପ,୯।୩(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବୁଧବାର ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମ ଜୟଦେବ ଭବନରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିକାଶ କ୍ଷେତ୍ରରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏହି ଅବସରରେ ମହିଳା ଦିବସ ଉପରେ ଆଲୋଚନା ସଭା, ନାରୀ ଶକ୍ତି ଉପରେ କବିତା ପାଠ ସହ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ମହିଳାଙ୍କୁ ନେଇ ନାଟକ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ରୋଗ ବିଶେଷଜ୍ଞ ଡା. ରଞ୍ଜିଥା ପଟ୍ଟନାୟକ, ବନ୍ଦର ଉପାଧ୍ୟକ୍ଷ ଏ.କେ ବୋଷ, ସଚିବ ପି.ଏନ୍. ବେହେକର ପ୍ରମୁଖ ଯୋଗଦେଇଥିଲେ।

## ଯମୁନା ସ୍ନାନରେ ଦୋଳ ମେଳଣ



ନାଉଗାଁ,୯।୩ (ସ୍ୱ.ପ୍ର.)

ନାଉଗାଁର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ପର୍ବପାଳନ କରାଯାଇଛି। ଏହି ଅବସରରେ ଚାନ୍ଦପୁରା ଗୋପୀନାଥ ମନ୍ଦିର, ବାଲିସାହି, କୋକିଡିହ,ନାଉଗାଁ ବଜାରରେ ଦୋଳ ମେଳଣ କରାଯାଇଛି। ଗୁରୁବାର ପ୍ରାତଃ ସମୟରେ ବନ୍ଧମୁଣ୍ଡାସ୍ଥିତ ଯମୁନାସ୍ନାନ ଦୋଳ ମେଳଣ କରାଯାଇଥିଲା। ଏହି ଅବସରରେ ମେଳଣ ପଡିଆକୁ ୧୪ ଦୋଳ ବିଭିନ୍ନ ଗ୍ରାମରୁ ଆସି ଗୋବରୀ ନଦୀ ପଠାରେ ଏକତ୍ରିତ ହୋଇଥିଲେ। ମେଳଣ ନିକଟରେ ସାରାଦିନ ଭଜନ କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟା ପୂର୍ବରୁ ସବୁ ଠାକୁରମାନେ ପଂକ୍ତି ଭୋଗ ଖାଇ ନିଜ ଗ୍ରାମକୁ ବାହୁଡି ଥିଲେ। ସୂଚନାଯୋଗ୍ୟ, ଏହି ମେଳଣକୁ କେହି କାହାରିକୁ ନିମନ୍ତ୍ରଣ କରି ନ ଥାନ୍ତି। କିନ୍ତୁ ଠାକୁରମାନେ ନିଜ ଖର୍ଚ୍ଚରେ ବାଜା, ବାଣ ରୋଷଣୀକରି ଏଠାରେ ଏକତ୍ରିତ ହୋଇ ଭାଇଚାରା ଅନୁସାରେ ପୁଣି ଫେରି ଆସିଥାନ୍ତି। ଏହି ଅବସରରେ କୋରୁଆ ଗ୍ରାମର ଦୋଳ ବିମାନ ବଡ ଭାଇ ହିସାବରେ ଡାହଣ ପାର୍ଶ୍ୱରେ ବସବା ବେଳେ ମଝିପଡା ଦୋଳ ସମ୍ମୁଖରେ ବସିଥାନ୍ତି। ନରଣପୁର ଦୋଳ କ୍ଷେତ୍ରପାଳ ହିସାବରେ ଶେଷରେ ବସିଥାନ୍ତି। ପୁରୀ ଜିଲା ପଥରପକା ଦୋଳ ବିମାନ ଅଧିକ ଗହଣାରେ ସଜ୍ଜିତ ହୋଇ ଏହି ମେଳଣକୁ ଆସିଥାନ୍ତି। ଚଳିତ ବର୍ଷ ଏହି ମେଳଣ ଯାତ୍ରା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ହୋଲିରେ ମାରପିଟ୍: ଜଣେ ଗୁରୁତର

ତିର୍ତ୍ତୋଲ, ୯।୩ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ କନକପୁର ଫାଣ୍ଡି କନକପୁର ହାଟରେ ହୋଲି ଖେଳ କାରଣରୁ ମାରପିଟ ହୋଇ ଜଣେ ଗୁରୁତର ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ କନକପୁର ଫାଣ୍ଡି ସହ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅରଡଙ୍ଗ ଗ୍ରାମର ଅଜୟ କୁମାର ହାତୀ ଓ ଭାଇ ପ୍ରଭାତ କୁମାର ହାତୀ ଗୁରୁବାର ତିର୍ତ୍ତୋଲ ଥାନାରେ କରିଥିବା ଅଭିଯୋଗ ମୁତାବକ ସେ ଓ ତାଙ୍କ ଭାଇ ଅଜୟ ଏବଂ ଅନ୍ୟମାନେ ମିଶି କନକପୁର ହାଟ ନିକଟରେ ଭୋଜି କରୁଥିଲେ। ଏହି ସମୟରେ କେତେଜଣ ଯୁବକ ନିଶାସକ୍ତ ଅବସ୍ଥାରେ ପହଞ୍ଚି ପାଟିତୁଣ୍ଡ କରି ଆକ୍ରମଣ କରିଥିଲେ। ଏଥିରେ ଅଜୟ ଗୁରୁତର ହୋଇଥିଲେ। ଅପରପକ୍ଷେ ଅରଡଙ୍ଗ ଗ୍ରାମର ବୃନ୍ଦାବନ ନାୟକ ଓ କନକପୁର ଶାସନ ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡାଙ୍କ ପକ୍ଷରୁ ସେମାନଙ୍କ ଦୋକାନରେ ସାମୁହିକ ଭାବେ ଭଙ୍ଗାରୁଜା ସହ ଆକ୍ରମଣ କରାଯାଇଥିବା ନେଇ କନକପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଏଏମ୍‌ଏନ୍‌ଏସ ପରିସରରେ ଦକ୍ଷତା କେନ୍ଦ୍ର ସ୍ଥାପନ



ପାରାଦୀପ,୯।୩ (ସ୍ୱ.ପ୍ର.)

ପାରାଦୀପ ଏଏମଏନଏସ (ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ)କମ୍ପାନୀ ପରିସରରେ ଗୁରୁବାର ଏକ ଦକ୍ଷତା କେନ୍ଦ୍ର କୁ ସାର୍ବଜନୀନ କରାଯାଇଛି। ଏହାକୁ କମ୍ପାନୀ ନିର୍ଦ୍ଦେଶକ ତଥା ଉପାଧ୍ୟକ୍ଷ ୱିନ ଭୀନ ଗ୍ରେଭେନଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ୟୁନିଟ ନିର୍ଦ୍ଦେଶକ ସୁରେଶା ଜି ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉକ୍ତ ଦକ୍ଷତା କେନ୍ଦ୍ରରେ ଅତ୍ୟାଧୁନିକ ସୁରକ୍ଷା ଭିତ୍ତିକ ଉପକରଣ ରହିଛି। ଅଗ୍ନିଶମ, ଲୁବ୍ରିକେସନ, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ରଖାଯାଇଛି। ସେଥିରେ ଇଞ୍ଜିନିୟରିଂ, ଡିପ୍ଲୋମା, ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ନୁରୁଗାଁରେ ୧୦୮ ଗୋମାତା ପୂଜା

ରାଜନଗର, ୯।୩ (ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ନୁରୁଗାଁଠାରେ ୧୦୮ ଗୋମାତା ପୂଜା ଅନୁଷ୍ଠିତ ହୋଇଯାଇଛି। ଦୋଳପୂର୍ଣ୍ଣିମା ଅବସରରେ ଗାଁର ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ସହ ୧୦୮ ଗୋମାତାଙ୍କୁ ଧୂପ ଦୀପ ନୈବେଦ୍ୟରେ ପୂଜାପାଠ କରାଯାଇଥିଲା। ୩୬ବର୍ଷ ଧରି ଏହି ଧାର୍ମିକ କାର୍ଯ୍ୟ କରାଯାଉଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟିର ମୁଖ୍ୟ ଦାମୋଦର ସ୍ୱାଇଁ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅଲେଖ ରାଉତ, ବୈକୁଣ୍ଠ ନାଥ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ବୀର ପ୍ରତାପ ସାହୁ, ଦେବଦତ ସାହୁଙ୍କ ସମେତ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ। ମା'ରାମଚଣ୍ଡୀ ସେବା ସମିତି ପକ୍ଷରୁ ଟଙ୍କ ତୋରାଣୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଗ୍ରାମର ଯୁବକମାନଙ୍କ ଦ୍ୱାରା ୨ଦିନ ଧରି ଡ୍ରାମା ପରିବେଷଣ କରାଯାଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା।


ଦୋଳପୂର୍ଣ୍ଣିମା ଅବସରରେ ଗୋମାତାଙ୍କୁ ପୂଜା କରାଯାଉଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ତଥ୍ୟ ଦେବାକୁ ପ୍ରଶାସନର ଭୟ

ନାଉଗାଁ,୯।୩(ସ୍ୱ.ପ୍ର)

**ନାଉଗାଁ ବ୍ଲକ**

**ଅନ୍‌ଲାଇନରେ ତଥ୍ୟ ଉପଲବ୍ଧ**

କେନ୍ଦ୍ର ସରକାରଙ୍କର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକାରୀ ହେଉଛି। ଦାରିଦ୍ର୍ୟ ଦୂରିକରଣ କରିବା ସହ ସମସ୍ତ ଶ୍ରମିକଙ୍କୁ ଶ୍ରମ ପ୍ରଦାନ କରିବା । ଏଥିସହ ରାଜ୍ୟ ତଥା ବାହାରକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କୁ ନିଜ ଅଞ୍ଚଳରେ କାମ ଦେବା ଏହାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ କାର୍ଯ୍ୟ କରିବାକୁ ହେଲେ ଶ୍ରମିକମାନେ ନିଜ ପଞ୍ଚାୟତରେ ଜବକାର୍ଡ ମାଧ୍ୟମରେ କାର୍ଯ୍ୟ କରି ପାରିବେ। ଏହି ଯୋଜନା ମାଧ୍ୟମରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। କିନ୍ତୁ ଅଧିକାଂଶ କାର୍ଯ୍ୟ ଠିକାଦାର ମେଶିନ ଦ୍ୱାରା କରୁଥିବା ବେଳେ କାଗଜକଲମରେ ଜବକାର୍ଡଧାରୀଙ୍କ ନାମ ରଖା ଯାଉଥିବା ଅଭିଯୋଗ ହେଉଛି। ଏହାକୁ ସଫଳ ରୂପାୟନ ଓ ତଦାରଖ ଦାୟିତ୍ୱ ବିଭାଗୀୟ ଯନ୍ତ୍ରୀ ରହିଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରହିଛନ୍ତି।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କି କି ପ୍ରକଳ୍ପ କାର୍ଯ୍ୟ କରାଯାଇଛି ଜାଣିବାକୁ ଜଣେ ସାମାଜିକ କର୍ମୀ ୧୨ ଡିସେମ୍ବର ୨୦୨୨ ଜନ ସୂଚନା ଅଧୀକାର ଆଇନ ବଳରେ ତଥ୍ୟ ବ୍ଲକ ଜନସୂଚନା ଅଧିକାରୀଙ୍କୁ ମାଗିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଉକ୍ତ ତଥ୍ୟ ନ ମିଳିବାରୁ ପୁନର୍ବାର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ସାମାଜିକ କର୍ମୀ ଜଣକ ୧୩ ଜାନୁୟାରୀ ୨୦୨୩ରେ ଆବେଦନ କରିଥିଲେ। ପୁନର୍ବାର ଆବେଦନ ପରେ ବ୍ଲକ ପ୍ରଶାସନ ଚିଠି ନଂ. ୪୧୩/ ୨୦୨୩ ଫେବୃୟାରୀ ୧୩ରେ ମଗାଯାଇଥିବା ତଥ୍ୟ ଉପରେ ଶୁଣାଣି ପାଇଁ ଫେବୃୟାରୀ ୧୭ ରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ଉଲ୍ଲେଖ ରହିଥିଲା। ଉକ୍ତ ତଥ୍ୟ ଉପରେ ଶୁଣାଣି ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ତଥ୍ୟ ଆଧାରରେ ଚିଠି ନଂ. ୫୮୨/ଫେବୃୟାରୀ ୨୭ ରେ ତଥ୍ୟ ପ୍ରଦାନ କରାଯାଇଥିଲା। ମଗାଯାଇଥିବା ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ ବୋଲି ଲେଖା ଯାଇଛି। ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ଅନ୍‌ଲାଇନ ତଥ୍ୟ ବିଷୟରେ ଓ ତଥ୍ୟ ବାହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ତେବେ ଜନ ସୂଚନା ଅଧିକାର ଆଇନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ତଥ୍ୟ ପ୍ରଦାନ ନ କରିବା, ତଥ୍ୟ ଦେଲେ ବ୍ଲକ ପ୍ରଶାସନ ଅଡୁଆରେ ପଡ଼ି ପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ମଗାଯାଇଥିବା ତଥ୍ୟ ମଧ୍ୟରୁ ଯେଉଁ ଅଳ୍ପ କେତେକ ପ୍ରଦାନ କରାଯାଇଛି, ସେଥିରେ ବ୍ଲକରେ ରହିଥିବା ୧୬ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଗୋଟିଏ ପ୍ରକଳ୍ପରେ କାର୍ଯ୍ୟ ବିଭିନ୍ନ ସମୟରେ ନାମ ପରିବର୍ତ୍ତନ କରାଯାଇ ଫଲସ୍ ବିଲ୍ ହୋଇଥିବା ଜଣାଯାଇଛି। ଏପରି କି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ କରାଯାଇଥିବା ଆଇନ୍ ଠିକ୍ ଭାବେ ପାଳନ କରାଯାଇ ନାହିଁ। ଏ ସମ୍ପର୍କରେ ଏବିଡିଓ ଦେବେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ଏପିଓଙ୍କୁ ପତ୍ର କରାଯାଇଥିଲା। ଏପିଓ ଯାହା ଦେଲେ ଆମେ ତଥ୍ୟ ମାଗିଥିବା ଆବେଦନକାରୀଙ୍କୁ ପଠାଇଛୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ସେନା ଅଧିକାରୀଙ୍କ ସ୍କୁଟି ଚୋରି

ଓଡ଼ଗାଁ,୯।୩(ସ୍ୱ.ପ୍ର.) : ଓଡ଼ଗାଁଠାରୁ ରଙ୍ଗଣୀପାଟଣା ଆଡ଼କୁ ପଡ଼ିଥିବା ରାଜ୍ୟ ରାଜପଥର ସିନେମା ହଲଠାରୁ ୧ଶହ ମିଟର ଦୂର ଡାହାଣ ପାର୍ଶ୍ୱରେ ରହୁଥିବା ପୂର୍ବତନ ସେନା ଅଧିକାରୀ ବନମାଳୀ ଜେନାଙ୍କ ବାରଣ୍ଡାରେ ଥିବା ସ୍କୁଟିକୁ ବୁଧବାର ସକାଳେ କେହି ଚୋରିକରି ନେଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି । ସକାଳ ବେଳା ବନମାଳୀ ପଦାକୁ କାମ କରିବାକୁ ଯିବା ପାଇଁ ତାଙ୍କ ସ୍କୁଟିରେ ଶାବଳ, କାତି, ପାଣିବଟଲ ଓ ବିସ୍କୁଟ ବ୍ୟାଗ ରଖି ଚା ପିଇବାକୁ ଘରମଧକୁ ଯାଇଥିଲେ । ଏହି ସମୟରେ ଅନ୍ୟ ଏକ ସ୍କୁଟିରେ ଜଣେ ଚାଳକ ସହିତ ଆରୋହୀ ମିଶି ରଙ୍ଗଣୀପାଟଣା ପଟୁ ସିନେମାହଲ ଆଡ଼କୁ ଯାଇଥିଲେ। ସିନେମା ହଲ ଛକ ପୂର୍ବରୁ ବନ୍ଦଥିବା ଏକ ମୋବାଇଲ ଦୋକାନ ସାମନାରେ ସ୍କୁଟି ରହିଥିଲା। ଆରୋହୀ ଜଣକ ସେଠାରୁ ପଛକୁ ଫେରି ଚାଲିଚାଲି ଯାଇ ବାରଣ୍ଡାରେ ଥିବା ବନମାଳୀଙ୍କ ସ୍କୁଟି ନିକଟରେ ପହଞ୍ଚି ଥିଲେ। ସେଠି ସ୍ଥିତିକୁ ପରଖି ଓଡି ୨୫ଡି ୪୧୫୪ ସ୍କୁଟିରେ ଚାବି ଲାଗିଥିବା ଦେଖି ତୁରନ୍ତ କାତି, ଶାବଳ ବ୍ୟାଗ ସହିତ ସ୍କୁଟି ନେଇ ବାହାଡାଝୋଲା ରାସ୍ତାରେ ଚଲିଯାଇଥିଲା। ଏସବୁ ଦୃଶ୍ୟ ସିସିଟିଭିରେ ରହିଛି । ସେହି ଫୁଟେଜ୍‌କୁ ଆଧାରଣ କରି ପୋଲିସ ତଦନ୍ତ କରୁଛି ।

### କୁଟୁଣୀରେ ଦୋଳ ଉତ୍ସବ

ଶରଣକୁଳ,୯।୩ (ଡି.ଏନ.ଏ.): ପ୍ରତିବର୍ଷ ଭଳି ଚଳିତବର୍ଷ ଦୋଳ ପୂର୍ଣ୍ଣମୀଠାରୁ ୫ ଦିନ ଧରି କଜଳାଇପଲ୍ଲୀ ପଞ୍ଚାୟତର କୁଟୁଣୀ ଗ୍ରାମରେ ଦୋଳ ଉତ୍ସବ ଚାଲିଛି । ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଏହି ଉତ୍ସବରେ ଆଖପାଖ ପଞ୍ଚାୟତରୁ ବହୁ ଲୋକଙ୍କ ସମାଗମ ହେଉଛି । ଦୋଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡ଼ାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । କଜଳାଇପଲ୍ଲୀ ସରପଞ୍ଚ ପୂଜା ବରାଡ଼ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କିପରି ସରସ ସୁନ୍ଦର ହୋଇପାରିବ ସେ ନେଇ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ବିଧାୟକ କହିଥିଲେ ।

### ଶିକ୍ଷକ ବଳିଦାନ ଦିବସ ପାଳିତ

ନୟାଗଡ଼ ଅଫିସ,୯।୩ : ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଗୁରୁବାର ଶିକ୍ଷକ ବଳିଦାନ ଦିବସ ପାଳିତ ହୋଇଯାଇଛି । ସ୍ମୃତିସଭା ଆବାହକ ବିଶ୍ୱନାଥ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ସୁରେଶ କୁମାର ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ,ଶେଖ ଅବଦୁଲ କରିମ, ତତ୍କାଳୀନ ଶିକ୍ଷକ ମହାସଂଘର ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଏମ.ଆଉରେଙ୍ଗଜେବ, ନିରଞ୍ଜନ ମିଶ୍ର, ଅନାଦି ଚରଣ ମହାନ୍ତି, ସୁଦର୍ଶନ ସାହୁଙ୍କ ସମେତ ପ୍ରାଧାପକ ବିଜୟ ରଥ ଓ ଆଶୁତୋଷ ମିଶ୍ର,ଶିକ୍ଷକ ନେତା ମାଣିକେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମହାନ୍ତି, ଶେଖ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, ପ୍ରଦୀପ ସାହୁ, ନିରାକାର ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଖବର ପ୍ରକାଶ ପାଇବା ପରେ ତତ୍ପରତା

ଓଡ଼ଗାଁ,୯।୩ (ସ୍ୱ.ପ୍ର)



ଧାନମଣ୍ଡିରେ ଭାଜପା ନେତା ଓ କର୍ମୀ ।

ନୟାଗଡ଼ ଜିଲାର ଓଡ଼ଗାଁ ସମେତ ଅନ୍ୟ ବ୍ଲକରୁ ଧାନ ବିକ୍ରିରେ ସୁଧାର ଆଣିବାକୁ ଜିଲାପାଳ ସମ୍ବଲପୁର ମିଲରଙ୍କୁ ଧାନ କିଣିବାକୁ ଅନୁମତି ପ୍ରଦାନ କରିଥିଲେ। ବିନା କଟ୍‌ନୀ ଛଟନୀରେ ଧାନ କିଣିବାକୁ କୁହାଯାଇଥିଲା । ହେଲେ ସମ୍ବଲପୁର ମିଲର ମଧ୍ୟ ୫ରୁ ୭ କେଜି ଧାନ କାଟି ନେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ । ଏହାକୁ ନେଇ ଧାନ କିଣାରେ ଅହେତୁକ ବିଳମ୍ବ ଯୋଗୁ ଓଡ଼ଗାଁ ବ୍ଲକ କୋମଣ୍ଡ ଧାନ ମଣ୍ଡିରେ ଗତ ୧୦ ଦିନ ହେଲା ପ୍ରାୟ ୧ହଜାର କୁଇଣ୍ଟାଲ ଧାନ ବସ୍ତା ଖୋଲା ଆକାଶ ତଳେ ପଡି ରହିଥିଲା। ହେଲେ ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ କରାଯାଇ ନ ଥିଲା । ମେଘୁଆ ପାଗ ହେବାରୁ ଚାଷୀଙ୍କ ମନରେ ଛନକା ପଶିଥିଲା । ଏ ସଂକ୍ରାନ୍ତରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ରାଜନୈତିକ ତଥା ପ୍ରଶାସନିକ ତତ୍ପରତ ପ୍ରକାଶ ପାଇଥିଲା । ଗୁରୁବାର କନ୍ଧମାଳ ପ୍ରାକ୍ତନ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଭାଜପା ନେତା ନସିର ଅହମ୍ମଦ, ଜିଲା ଭାଜପା ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ପ୍ରଧାନ, ଆଇନଜୀବୀ (ଭାଜପା ସେଲ) କୃପାସିନ୍ଧୁ ଗୌଡକୋମଣ୍ଡ ଧାନ ମଣ୍ଡିରେ ପହଞ୍ଚି ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ସେମାନଙ୍କୁ ସର୍ବନିମ୍ନ ସୁବିଧା ପ୍ରଦାନ କରାଯାଇ ନ ଥିବାରୁ ସେଠାରେ ଉପସ୍ଥିତି ଥିବା ଜିଲା ଯୋଗାଣ ଅଧିକାରିଣୀ ତିଳୋତ୍ତମା ପ୍ରଧାନଙ୍କ ସହିତ ଅଲୋଚନା କରିବା ସହିତ ଧାନ ଉଠାଣରେ ଅହେତୁକ ବିଳମ୍ବ ନିମନ୍ତେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଜିଲା ପ୍ରଶାସନ ଏବଂ ରାଜନୈତିକ ହସ୍ତକ୍ଷେପ ହେଉଥିବା ସୂଚନା ପାଇ ସମ୍ବଲପୁର ମିଲର ଟ୍ରକ ନେଇ ପହଞ୍ଚି ଥିଲେ । ଅସଲ ଚାଷୀଙ୍କୁ ଚିହ୍ନଟ କରି ଯୋଗାଣ ଅଧିକାରୀ ଧାନ କ୍ରୟ କରିବାକୁ ଉଦ୍ୟମ କରିଥିଲେ । ପ୍ରାୟ ୫୦୦ କୁଇଣ୍ଟାଲ ଧାନ ଲୋଡ ହୋଇଥିବା ସଭାପତି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅବଶିଷ୍ଟ ଧାନ ଶୁକ୍ରବାର ବିକ୍ରି ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।

### ୧୦ଦିନ ପରେ କୋମଣ୍ଡା ମଣ୍ଡିରୁ ଧାନ ଉଠିଲା

# ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ପଠାଗଲା

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର)



ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଭୁବନେଶ୍ୱରରେ ଚଳିତ ମାସ ୨୯ରେ ଅନୁଷ୍ଠିତ ହେବ । ରୁକୁଣା ରଥ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳରୁ ୯ ଟି ଆମ୍ବଗଛ ଗଣ୍ଡି ଭୁବନେଶ୍ୱର ପଠାଯାଇଛି । ଖଣ୍ଡପଡ଼ା ବନବିଭାଗ ପକ୍ଷରୁ କିଆଝର ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ପରିସର ଏବଂ ଖଣ୍ଡପଡା ଏନଏସି ଅଞ୍ଚଳରୁ ଚିହ୍ନଟ ହୋଇଥିବା ଆମ୍ବଗଛଗୁଡିକ କଟାଯିବା ପରେ ବାଇପାସ୍ ରାସ୍ତା ପାର୍ଶ୍ୱରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ବନପାଳ ଶ୍ରୀନିବାସ ଦାସ, ସିଂଘାପଡା ବନପାଳ ପ୍ରଫୁଲ୍ଲ କୁମାର ନାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ଟ୍ରକ ଯୋଗେ କାଠଗଣ୍ଡିଗୁଡିକୁ ଭୁବନେଶ୍ୱରସ୍ଥିତ ପ୍ରଭୁ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ଖଳାକୁ ପଠାଯାଇଥିଲା । ଲିଙ୍ଗରାଜ ମନ୍ଦିର ପ୍ରଶାସନର କର୍ମକର୍ତ୍ତା ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାର ରୁପେ ଶେଷ ହୋଇଥିଲା । ପ୍ରତିବର୍ଷ ରୁକୁଣା ରଥ ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳରୁ ଆମ୍ବ କାଠ କଟାଯିବାର ପରମ୍ପରା ଦୀର୍ଘବର୍ଷ ଧରି ପ୍ରଚଳିତ ହୋଇଆସୁଛି ।

# ଫାଣ୍ଡି ପରିସର ପାଟିତୁଣ୍ଡ, ପୋଲିସକୁ ଧମକ: ୬ ଗିରଫ

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର)

ବୁଧବାର ହୋଲିରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୃଷ୍ଟି ହେବା ଆଶଙ୍କା କରି କଣ୍ଟିଲୋ ଫାଣ୍ଡି ପୋଲିସ ପାଟ୍ରୋଲିଂ ଆରମ୍ଭ କରିଥିଲା । ଏହି ସମୟରେ ଖଣ୍ଡପଡ଼ା ବ୍ଲକ ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରେ କେତେଜଣ ଯୁବକ ପୋଲିସକୁ ଆକ୍ଷେପ କରି କଟୁ ମନ୍ତବ୍ୟ ଦେଇଥିଲେ । ପରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ସମ୍ପୃକ୍ତ ଯୁବକମାନଙ୍କୁ ଡ଼କାଇ ଏହି ବିବାଦର ସମାଧାନ କରିଥିଲେ। ହେଲେ ସେଦିନ ରାତି ପ୍ରାୟ ୧୧ଟା ସମୟରେ ବାଣପୁର ଗ୍ରାମର କେତେଜଣ ଯୁବକ ଫାଣ୍ଡି ପରିସରରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଫାଣ୍ଡି ଅଧିକାରୀଙ୍କୁ ଆକ୍ଷେପ କରି ଧମକ ଦେଇଥିଲେ । ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ, ଖଣ୍ଡପଡା ଥାନାଧିକାରୀ ଓ ଏସ୍‌ଡିପିଓଙ୍କୁ ଜଣାଇଥିଲେ । ଫାଣ୍ଡି ଅଧିକାରୀ ଜେନାଙ୍କ ଲିଖିତ ଅଭିଯୋଗ କ୍ରମେ ଖଣ୍ଡପଡ଼ା ଥାନାରେ ଏକ ମାମଲା(ନଂ.୪୫/୨୦୨୩) ରୁଜୁ ହେବା ସହ ଖଣ୍ଡପଡା ଓ କଣ୍ଟିଲୋ ଫାଣ୍ଡି ପୋଲିସ ୬ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିଶ୍ୱଜିତ ବେହେରା(୩୦), ମନୋଜ କୁମାର ପ୍ରଧାନ(୨୮), ସୁଜିତ କୁମାର ବେହେରା( ୨୭), ନାରାୟଣ ରାଉତ(୨୯), ମନୋଜ କୁମାର ରାଉତ(୩୨) ଓ ଅଜୟ କୁମାର ପ୍ରଧାନ(୨୫) ବୋଲି ଖଣ୍ଡପଡା ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି ।

## ମହିଳା ଅଧିକାର ଶୀର୍ଷକ ଆଲୋଚନା ଚକ୍ର

ଦଶପଲ୍ଲା,୯।୩(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକର ନେଳିଗୋଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଟିର ସ୍ୱର ଅନୁଷ୍ଠାନ ତରଫରୁ ମହିଳା ଅଧିକାର ଓ ସାମାଜିକ ନ୍ୟାୟ ଶୀର୍ଷକ ଆଲୋଚନା ଚକ୍ର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଷଷ୍ଠ ସପ୍ତମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ଓ ମହିଳାମାନଙ୍କ ଅଧିକାର ବିଷୟରେ ନିଜ ନିଜର ମତ ରଖିଥିଲେ। ସଭାପତି ବେହେରା ନିଜର ବକ୍ତବ୍ୟରେ କହିଲେ, ଏ ସବୁ ଆଲୋଚନା ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ନିର୍ମାଣ କରିବାରେ ସହାୟକ ହେବ। ସମାଜ ଗଠନ ପାଇଁ ଏ ଭଳି ଆଲୋଚନା ଅତ୍ୟନ୍ତ ଆବଶ୍ୟକ ମନେହୁଏ। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ମହିଳା ଅଧିକାର ଓ ସେମାନଙ୍କ ସାମାଜିକ ନ୍ୟାୟ, ସାମ୍ବିଧାନିକ ଅଧିକାର ତଥା ସୁରକ୍ଷା ଇତ୍ୟାଦି ବିଷୟରେ ମତ ଉପସ୍ଥାପନ କରିଥିଲେ। ସାମାଜିକ କାର୍ଯ୍ୟ ତଥା ମାଟିର ସ୍ୱର ଅନୁଷ୍ଠାନର ସଂଯୋଜକ ପ୍ରଭାତ କୁମାର ସାହୁ ଏହି ଆଲୋଚନା ଚକ୍ରର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂକଳ୍ପ ପକ୍ଷରୁ ହୋଲି ଆସର




ଦଶପଲ୍ଲା,୯।୩(ଡି.ଏନ.ଏ.)

ବୁଧବାର ହୋଲି ଅବସରରେ ଦଶପଲ୍ଲା ସଂକଳ୍ପ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ରାଧାମୋହନଜୀଉ ହାଇସ୍କୁଲ ପରିସରରେ ଏକ ହୋଲି କବିତା ଆସର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ରବିନ୍ଦ୍ରନାଥ ମିଶ୍ର ଏବଂ ଅବସରପ୍ରାପ୍ତ ଶିକ୍ଷକ ପ୍ରଶନ୍ନ କୁମାର ଶତପଥୀ ଯୋଗଦେଇ ଦୋଳ ଓ ହୋଲି ପୌରାଣିକ କଥାବସ୍ତୁ ଅଧାରରେ ଉଦ୍‌ବୋଧନ ଦେଇଥିଲେ । ଏହାପରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ମୁରଲୀଧର ମହାରଣା, କିଶୋର ଚନ୍ଦ୍ର ଦଳହେରା, ପ୍ରକାଶ କୁମାର ସାହୁ, ଗୋଲକବିହାରୀ ମହାନ୍ତି, ରବିନ୍ଦ୍ରନାଥ ମିଶ୍ର, ନମାଳି ପ୍ରଧାନ ପ୍ରଭାତ ସାହୁ, ଚଇତନ ରାଉତ, ଇସାନା ସ୍ୱସ୍ତିକ ଦିବ୍ୟଜ୍ୟୋତି ଏବଂ କଳ୍ପନା ଗଜେନ୍ଦ୍ର ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ରଙ୍ଗ ଲଗାଯାଇ ଭାବ ଆଦାନ ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ତଥା ଖବରଦାତା ପ୍ରକାଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର)



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ।

ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା ଗ୍ରାମରେ ବାବା ବାଲୁଙ୍କେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ଶତାଧିକ ମହିଳା ପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସେମାନେ ମହାନଦୀ ଘାଟରୁ ଜଳ ଆଣି ଧାନଚେଙ୍ଗଡାସ୍ଥିତ ନୂତନ ମନ୍ଦିରସ୍ଥଳ ପୂଜାବେଦୀରେ ସ୍ଥାପନା କରିଥିଲେ । ପରେ ମଣ୍ଡଳକରଣ ଓ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା । ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ୨ୟ ଦିବସ ଅର୍ଥାତ୍ ଶୁକ୍ରବାର ସୂର୍ଯ୍ୟ ପୂଜା, ଶାଳାପୂଜା,ପାର୍ଶ୍ୱ ଦେବତାଙ୍କ ସ୍ନାନ ଓ ମାଜଣା, ମନ୍ଦିର ସ୍ନାନ,ଯଜ୍ଞକର୍ମ ଓ ଠାକୁରଙ୍କ ନ୍ୟାସ, ସନ୍ଧ୍ୟାରେ ଭାଗବତ ମଣ୍ଡଳୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଶନିବାର ଶେଷ ଦିନ ଗୀତାଯଜ୍ଞ, ଶିବଯଜ୍ଞ, ଦେବୀ ଯଜ୍ଞ, ଦେବତାମାନଙ୍କ ଗ୍ରାମ ପରିକ୍ରମା, ଗମ୍ଭୀରା ପ୍ରବେଶ ଓ ଅପରାହ୍ନ ପ୍ରାୟ ୫ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ କରାଯିବ ।

# ଗ୍ରାମ କୋଠ ପାଣ୍ଠିକୁ କେନ୍ଦ୍ର କରି ଆକ୍ରମଣ ବାପା,ପୁଅ ଗୁରୁତର

ଓଡ଼ଗାଁ,୯।୩(ସ୍ୱ.ପ୍ର.)

**୮ ଜଣଙ୍କ ନାମରେ ମାମଲା ରୁଜୁ ୫ ଅଟକ, ତଦନ୍ତ ଜାରି**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ନୂଆସାହିରେ ଗତ ବୁଧବାର ରାତି ପ୍ରାୟ ୧୦ ବେଳେ ଗ୍ରାମ କୋଠପାଣ୍ଠିକୁ କେନ୍ଦ୍ର କରି ବାଇଧର ଖିଲାରଙ୍କ ଘରେ ପଶି କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ । ଏଥିରେ ବାଇଧର ଏବଂ ତାଙ୍କ ପୁଅ ସୁଶାନ୍ତ ଖିଲାର ଗୁରୁତର ହୋଇଥିଲେ । ସେମାନଙ୍କୁ ସେହି ରାତିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ଓଡ଼ଗାଁ ଓ ପରେ ନୟାଗଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୁଶାନ୍ତଙ୍କ ସ୍ତ୍ରୀ ରଶ୍ମିତା ଖିଲାର ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୦/୨୩)ରେ ୮ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ୮ ଅଭିଯୁକ୍ତଙ୍କ ମଧ୍ୟରୁ ଜଗା ବାରିକ, ବଳିଆ ବାରିକ, ଗୁମନୀ ବାରିକ, ଦେବ ବାରିକ ଓ ଭୀମ ବାରିକଙ୍କୁ ଓଡ଼ଗାଁ ପୋଲିସ ଅଟକରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ବେଳେ ଜୟ ଖିଲାର, ବରଜ ଖିଲାର, ଶତ୍ରୁଘ୍ନ ଖିଲାର ଫେରାର ଅଛନ୍ତି । ବୁଧବାର ରାତି ୧୦ ବେଳେ ଏହି ଅଭିଯୁକ୍ତମାନେ ଗ୍ରାମ କୋଠଫଣ୍ଡ ଅର୍ଥକୁ ନେଇ ବାଇଧର ଖିଲାରଙ୍କ ଘରେପସି ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହିତ ଦଳବଧ ଭାବେ ହଙ୍ଗାମା ରଚାଇଥିଲେ । ଅନ୍ୟପକ୍ଷେ ରକ୍ତାକ୍ତ ଅବସ୍ଥାରେ ସୁଶାନ୍ତ ଓ ବାଇଧରଙ୍କୁ ସେହି ଗ୍ରାମର ଶଙ୍କର ପ୍ରଧାନ ଓ ଦାମ ପ୍ରଧାନ ଓଡ଼ଗାଁ ଡାକ୍ତର ଖାନାକୁ ନେଇଯାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ।

# ଓଷ୍ଟା ପକ୍ଷରୁ ଶହୀଦ ଦିବସ ପାଳିତ

ଦଶପଲ୍ଲା,୯।୩(ଡି.ଏନ୍.ଏ.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଶହୀଦ ଦିବସ ପାଳିତ ହୋଇଯାଇଛି। ବ୍ଲକ ଓଷ୍ଟା ସଭାପତି ଶରତ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିପିଆଇ(ଏମ) ନେତା ଶରତ ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସାମାଜିକ କର୍ମୀ ରବିନାରାୟଣ ସେଠୀ, ଓଷ୍ଟାର ପୂର୍ବତନ ଜିଲା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ରଣା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶହୀଦ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ କରିଥିଲେ। ଦଶପଲ୍ଲା ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ କର୍ମଚାରୀ, ଓଷ୍ଟାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ଅକ୍ରୁର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶହୀଦ ଶିକ୍ଷୟିତ୍ରୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଇତି ଅବସରରେ ଶହୀଦମାନଙ୍କ ବହୁମୁଖୀ ଗୁଣାବଳୀର ସ୍ମୃତିଚାରଣ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୭୮ ମାର୍ଚ୍ଚ ୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଶିକ୍ଷକ ଆନ୍ଦୋଳନରେ ଯୋଗଦେବାକୁ ଯାଉଥିବା ବେଳେ ଟିକାତାଳଠାରେ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ୩ ଶିକ୍ଷୟିତ୍ରୀ ତରୁଲତା ପଟ୍ଟନାୟକ, ବିଳାସିନୀ ପଟ୍ଟନାୟକ ଓ ଶାନ୍ତିଲତା ମହାରଣାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେମାନଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଓଷ୍ଟା ପକ୍ଷରୁ ମାର୍ଚ୍ଚ ୯ କୁ ଶହୀଦ ଦିବସ ରୂପେ ପାଳନ କରାଯାଇ ଆସୁଛି।

# ମହିଳା ସୁରକ୍ଷା ଆଇନ ସଚେତନତା ଶିବିର



ଭାପୁର,୯।୩(ଡି.ଏନ୍.ଏ.)

ଗୁରୁବାର ପୂର୍ବାହ୍ନରେ ଭାପୁର ସଭାଗୃହରେ ଭାପୁର ଜୁଡିସିଆଲ କୋର୍ଟର ମାଜିଷ୍ଟ୍ରେଟ ବନୀଲ କୁମାର ଖଟାଇଙ୍କ ସଭାପତିତ୍ୱରେ ମହିଳା ସୁରକ୍ଷା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିଥିଭାବେ ଜିଲା ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ, ଜିଲା ପ୍ରାଧିକରଣ ସ୍ଥାୟୀ ସଦସ୍ୟ କ୍ଷମା ପ୍ରଭାକର, ନୀଳମାଧବ କଲେଜର ଅଧ୍ୟାପକ ଅଶୋକ କୁମାର ପାତ୍ର, ଭାପୁର ଆଇନଜୀବୀ ସଂଘ ସଭାପତି ଗଙ୍ଗାଧର ପଣ୍ଡା, ସମ୍ପାଦକ ଆଇନଜୀବୀ କେଦାର ନାଥ ସାହୁ, ଫତେଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଆଇନଜୀବୀ ପ୍ରଶାନ୍ତ କୁମାର ବାରିକ। ଏହି ବୈଠକରେ ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପାଇଁ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବ ସହ ସଚେତନତା କରାଯାଇଥିଲା ।

# ନୟାଗଡ଼ରେ ବିଶ୍ୱ ମହିଳା ଦିବସ ପାଳିତ

ନୟାଗଡ଼ ଅଫିସ,୯।୩




ମହିଳା ଦିବସରେ ଯୋଗଦେଇଥିବା ଅତିଥି ।

ବିଶ୍ୱ ମହିଳା ଦିବସ ଅବସରରେ ସେତୁବନ୍ଧ ଓ ରୋଟାରୀ କ୍ଲବ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ ପାଳିତ ହୋଇ ଯାଇଛି । ସେତୁବନ୍ଧର ସମ୍ପାଦିକା ଉଷାରାଣୀ ମିଶ୍ରଙ୍କ ସଂଯୋଜନାରେ ୨ଟି ଅଧିବେଶନ ହୋଇଥିବାବେଳେ ପ୍ରଥମ ଅଧିବେଶନରେ ଶିକ୍ଷାବିତ୍ ରାମଚନ୍ଦ୍ର ମିଶ୍ର, ଅଧ୍ୟାପିକା ପ୍ରିୟମ୍ବଦା ଦାଶ, ବିଦ୍ୟୁଲତା ଷଣ୍ଢ ଓ ପ୍ରଣତୀ ମଞ୍ଜରୀ ଶର୍ମା ଅତିଥି ରୂପେ ଯୋଗ ଦେଇଥିଲେ। ୨ୟ ଅଧିବେଶନରେ ଫୁଲବାଣୀ ବ୍ଲକ ଚେୟାରମ୍ୟାନ୍ ଅନିମା କଅଁର, ନୟାଗଡ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ନିରୁପମା ଖଟେଇ, ଅଧ୍ୟାପକ କେଶବ ରାଉତ ଅତିଥି ରୂପେ ଯୋଗ ଦେଇଥିଲେ । ଗୀତା ମହାପାତ୍ର, ଦୀନବନ୍ଧୁ ସାହୁ, ଲୋପାମୁଦ୍ରା, ବିନ୍ଦୁ ଷଣ୍ଢ, ପ୍ରିୟମ୍ବଦା ଦାଶ ପ୍ରମୁଖ ୫୦ କବି କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ପିଣ୍ଟୁ ପ୍ରକାଶ ରଥ ମଞ୍ଚ ପରିଚାଳନା ଓ ସାରଙ୍ଗ ଧର ଇନ୍ଦ୍ରଜିତ ବେଦ ପାଠ କରିଥିଲେ । ରୋଟାରୀ କ୍ଲବ ଓ ଇନର ହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ମହିଳା ଦିବସ ପାଳିତ ହୋଇଥିଲା । ଇନର ହୁଇଲ କ୍ଲବର ସଭାନେତ୍ରୀ ଜ୍ୟୋସ୍ନାମୟୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଶିଶୁ ମଙ୍ଗଳ ସମିତିର ସଭ୍ୟ ମଧୁସ୍ମିତା ମହାପାତ୍ର ଯୋଗ ଦେଇ ଲିଙ୍ଗଗତ ବିଭେଦ ଦୂରୀକରଣ, ସମାଜ ଏବଂ ପରିବାରରେ ମହିଳାମାନଙ୍କ ବଳିଷ୍ଠ ଭୂମିକା, ବାଲ୍ୟ ବିବାହ ଉପରେ ଟିପ୍ପଣୀ ଦେଇଥିଲେ । ଇନର ହୁଇଲ ସମ୍ପାଦିକା ନମିତା ନନ୍ଦ ଏବଂ ବରିଷ୍ଠ ସଦସ୍ୟା ସୁକାନ୍ତି ମହାନ୍ତି ମହିଳା ସଶକ୍ତୀକରଣ ଉପରେ କହିଥିଲେ ।

